ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୧ ଅକ୍ଟୋବର, ୨୦୧୯



ଦକ୍ଷିଣ ଆଫ୍ରିକାର ହାଇପ୍ରୋଫାଇଲ ଗୁପ୍ତା ବ୍ରଦର୍ସ ଉପରେ ଆମେରିକା ପକ୍ଷରୁ ଗୁରୁବାର କଟକଣା ଜାରି କରାଯାଇଛି। ଅଜୟ, ଅତୁଲ ଓ ରାଜେଶ ଗୁପ୍ତାଙ୍କ ସମେତ ସେମାନଙ୍କ ସହଯୋଗୀ ସଲିମ୍ ଏସାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ଆମେରିକାର ଟ୍ରେଜେରି ବିଭାଗ ଏପରି ନିଷ୍ପତ୍ତି ନେଇଛି। ଜାକୋବ ଜୁମା ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ଥିବାବେଳେ ଗୁପ୍ତା ପରିବାର ବହୁ ସରକାରୀ ସମ୍ପତ୍ତି ହଡ଼ପ କରିଥିବା ଅଭିଯୋଗ ଆସିଥିଲା, ଯାହାର ତଦନ୍ତ ଚାଲିଛି।









# ଆର୍‌ବିଆଇ ଗଭର୍ନରଙ୍କୁ ସମନ କରିବ ସଂସଦୀୟ କମିଟି

**ନୂଆଦିଲ୍ଲୀ,୧୦।୧୦:** ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଏବଂ ଅର୍ଥ ମନ୍ତ୍ରଣାଳୟ ବରିଷ୍ଠ ଅଧିକାରୀଙ୍କୁ ସଂସଦୀୟ କମିଟି ସମନ କରିବ। ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ସମ୍ପର୍କରେ ପକ୍ଷ ରଖିବାକୁ ଏଭଳି ସମନ ଜାରି ହେବ ବୋଲି ସୂଚନା ରହିଛି। ନୂଆ କରି ଗଠନ ହୋଇଥିବା ଉକ୍ତ କମିଟି ପ୍ରଥମ କରି ବସିବାକୁ ଥିବା ବେଳେ ଅଡିଟର, ରେଟିଂ ଏଜେନ୍ସି ଏବଂ ଅଂଶୀଦାରଙ୍କ ଭୂମିକା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ପର୍ଯ୍ୟାଲୋଚନା କରିବ। ବିରୋଧୀ ଦଳ ସଦସ୍ୟମାନେ ଦେଶର ମାନ୍ଦାବସ୍ଥା, ରିଜର୍ଭ ବ୍ୟାଙ୍କର ମୁଦ୍ରା ଭଣ୍ଡାର, ଜିଏସ୍‌ଟି କାର୍ଯ୍ୟକାରିତା ଭଳି ପ୍ରସଙ୍ଗ ଉଠାଇବା ନେଇ ପ୍ରସ୍ତାବ ରଖିଛନ୍ତି। ସୁଧହାର ହ୍ରାସ ଏବଂ ମୁଦ୍ରା ଭଣ୍ଡାର ଭଳି ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କ ଗଭର୍ନର ପକ୍ଷ ରଖିବେ। ଏହାବାଦ୍ ପୁଞ୍ଜି ବଜାର ନିୟମ, ଅଣବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନଗୁଡିକର ଦୃଢୀକରଣ ପଦକ୍ଷେପ ଆଲୋଚନା ପରିସରରେ ଆସିବାର ପ୍ରସ୍ତାବ ରହିଛି।

# ଅପରାହ୍ନ ୪ଟାରେ ବାନା ବନ୍ଧା

**ପୁରୀ ଅଫିସ, ୧୦।୧୦**

ଋତୁ ଚକ୍ରର ପରିବର୍ତ୍ତନରେ ଏବେ ଶୀତ ଋତୁର ଆଗମନ ହେବ। ସାଧାରଣତଃ କାର୍ତ୍ତିକ ମାସରୁ ଶୀତଋତୁ ଆରମ୍ଭ ହୋଇଥାଏ। କୁମାର ପୂର୍ଣ୍ଣିମା ଡାଲାରେ ଶୀତ ଆସେ ବୋଲି ଲୋକମୁଖରେ ରହିଛି। ଶୀତଦିନେ ଶୀଘ୍ର ସନ୍ଧ୍ୟା ହେଉଥିବାରୁ ଗୁରୁବାରଠାରୁ ଶ୍ରୀମନ୍ଦିର ନୀଳଚକ୍ରରେ ବାନା ବନ୍ଧା ସମୟ ପରିବର୍ତ୍ତନ କରାଯାଇଛି। ଏଣିକି ପ୍ରତିଦିନ ଅପରାହ୍ନ ୪ଟାରେ ବାନା ବନ୍ଧାଯିବ। ଚୂନରା ସେବକମାନେ ଅପରାହ୍ନ ୩ଟାରେ ଶ୍ରୀମନ୍ଦିର ଚୂଡ଼ାକୁ ଚଢି ୪ଟାରେ ବାନା ବାନ୍ଧିବେ ବୋଲି ସ୍ଥିର ହୋଇଛି।

ଶ୍ରୀମନ୍ଦିର ନୀଳଚକ୍ରରେ ପ୍ରତ୍ୟହ ବାନା ବନ୍ଧାଯାଇଥାଏ। ଗ୍ରୀଷ୍ମଦିନେ ଅପରାହ୍ନ ୪ଟାରେ ଚୂନରା ସେବକମାନେ ଶ୍ରୀମନ୍ଦିର ଚୂଡ଼ାରେ ଚଢି ୫ଟାରେ ବାନା ବାନ୍ଧିଥାନ୍ତି। ସେହିପରି ଶୀତଦିନେ ଅପରାହ୍ନ ୩ଟାରେ ଚଢି ୪ଟାରେ ବାନା ବାନ୍ଧିଥାନ୍ତି। ସୂର୍ଯ୍ୟାସ୍ତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥାଏ। ଏ ସମ୍ପର୍କରେ ଚୂନରା ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଶୀତଋତୁ ଯୋଗୁ ଶୀଘ୍ର ସନ୍ଧ୍ୟା ହୋଇଯିବ। ତେଣୁ ଗୁରୁବାରଠାରୁ ଅପରାହ୍ନ ୪ଟାରେ ବାନା ବନ୍ଧାଯିବା ଆରମ୍ଭ ହୋଇଛି। ଏହି ସମୟ ଆସନ୍ତା ଫେବୃୟାରୀ ଶେଷ ପର୍ଯ୍ୟନ୍ତ ରହିବ। ଏହାପରେ ପୁନଶ୍ଚ ସମୟ ପରିବର୍ତ୍ତନ ହୋଇ ୫ଟାରେ ବାନା ବନ୍ଧାଯିବ। ସେହିପରି ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଅଦ୍ୟାବଧି ଅପରାହ୍ନ ୪ଟା ସୁଦ୍ଧା ଭକ୍ତମାନେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟରେ ଧ୍ୱଜା ଦାଖଲ କରୁଥିଲେ। ମାତ୍ର ଶୁକ୍ରବାରଠାରୁ ଅପରାହ୍ନ ୩ଟା ସୁଦ୍ଧା ଧ୍ୱଜା ଦାଖଲ କରିବେ।




# ଲାଞ୍ଚ ମାଗି ଗ୍ରାମ୍ୟ କୃଷି କର୍ମଚାରୀ ନିଲମ୍ବିତ

**ଦେଓଗାଁ,୧୦।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକର ଜଣେ ଗ୍ରାମ୍ୟ କୃଷି କର୍ମଚାରୀ(ଭିଏଡବ୍ଲ୍ୟୁ) ଜଣେ ଚାଷୀଙ୍କୁ ବନ୍ୟା ସହାୟତା ମିଳିବା ନେଇ ଲାଞ୍ଚ ମାଗିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଭିଏଡବ୍ଲ୍ୟୁ ଶୁଭେନ୍ଦୁ କୁମାର ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ତଳେ ପୁଇଁନ୍ତଲା ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ଉପରବାହାଲ ଗାଁର ଜଣେ ଚାଷୀ ବନ୍ୟା ସହାୟତା ପାଇଁ ଭିଏଡବ୍ଲ୍ୟୁ ବେହେରାଙ୍କୁ ପଚାରି ବୁଝିଥିଲେ। ହେଲେ ସେ ଚାଷୀଙ୍କୁ ଘରକୁ ଆସିବା ପାଇଁ କହିଥିଲେ। ଚାଷୀ ଜଣକ ତାଙ୍କ ଘରକୁ ଆସିବା ପରେ ସେ ୨ଶହ ଟଙ୍କା ଦେଲେ ୨ ହଜାର, ୫ଶହ ଟଙ୍କା ଦେଲେ ୫ହଜାର ଟଙ୍କା ଏବଂ ତା'ଠୁ ଅଧିକ ଟଙ୍କା ଦେଲେ ଦୁଇଗୁଣା ସରକାରୀ ସହାୟତା ଆକାଉଣ୍ଟରେ ଜମା ହେବ ବୋଲି କହିଥିଲେ। ଚାଷୀ ଜଣକ ମୋବାଇଲରେ ଏହାକୁ ରେକର୍ଡିଂ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଭିଡିଓ ଭାଇରାଲ ହୋଇଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ହୋଇଥିଲା। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ଜିଲାପାଳ ଡାକୁଆଙ୍କୁ ପଚାରିବାରୁ ବନ୍ୟାରେ ଉପରବାହାଲ ଅଞ୍ଚଳରେ କ୍ଷୟକ୍ଷତି ହୋଇଥିଲା। କ୍ଷୟକ୍ଷତି ସଂକ୍ରାନ୍ତରେ ଜାଣିବା ପାଇଁ ଘଟଣାସ୍ଥଳକୁ ଯାଇଥିଲି। ବନ୍ୟା ସହାୟତା ପାଇଁ ଟଙ୍କା ମାଗିବା ଭିଡିଓ ଭାଇରାଲ ହେବା ପରେ ସମ୍ପୃକ୍ତ ଭିଏଡବ୍ଲ୍ୟୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏପରି କି ଘଟଣାର ତଦନ୍ତ ପାଇଁ ଡେପୁଟି ଡାଇରେକ୍ଟର ଏଗ୍ରିକଲଚରଙ୍କୁ ଅବଗତ କରାଯାଇଥିବା କହିଥିଲେ।

# ପରିବାରର ୩ ଜଣଙ୍କୁ ହତ୍ୟା

## ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠାଇଲେ ପଶ୍ଚିମବଙ୍ଗ ରାଜ୍ୟପାଳ



**କୋଲକାତା,୧୦।୧୦(ପି.ଟି.):** ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲାରେ ଜଣେ ସ୍କୁଲ ଶିକ୍ଷକ, ତାଙ୍କ ଗର୍ଭବତୀ ସ୍ତ୍ରୀ ଓ ପୁଅଙ୍କୁ ହତ୍ୟା କରାଯାଇଛି। ତିନିଜଣଙ୍କ ରକ୍ତାକ୍ତ ମୃତଦେହ ମଙ୍ଗଳବାର ସେମାନଙ୍କ ଘରୁ ମିଳିବା ପରେ ବୁଧବାର ରାଜନୀତି ସରଗରମ ହୋଇଛି। ୩୫ ବର୍ଷୀୟ ବୋନ୍ଧୁ ଗୋପାଳ ପାଲ ଜଣେ ସ୍କୁଲ ଶିକ୍ଷକ ଥିଲେ। ବୋନ୍ଧୁ, ତାଙ୍କ ୩୦ ବର୍ଷୀୟା ସ୍ତ୍ରୀ ବିଉଟିଙ୍କ ସହ ୮ ବର୍ଷର ପୁଅ ମୁର୍ସିଦାବାଦ ଜିଲା ଜିଆଗଞ୍ଜରେ ରହୁଥିଲେ। ବିଜୟାଦଶମୀରେ ସେମାନଙ୍କୁ ଦେଖିବାକୁ ନ ପାଇ କେତେଜଣ ପଡ଼ୋଶୀ ସେମାନଙ୍କ ଘରକୁ ଯାଇଥିଲେ। ଘରର କବାଟ ଭିତର ପଟୁ ବନ୍ଦ ଥିବା ଦେଖି ସେମାନଙ୍କ ମନରେ ସନ୍ଦେହ ହୋଇଥିଲା। ଖବର ପାଇ ପୋଲିସ ସେଠାକୁ ଯାଇ କବାଟ ଭାଙ୍ଗିବା ପରେ ଘରୁ ୩ ଜଣଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା। ସୋସିଆଲ ମିଡିଆରେ ମୃତଦେହଗୁଡ଼ିକର ବିଭତ୍ସ ଦୃଶ୍ୟ ଭାଇରାଲ ହୋଇଛି। ଭାଜପା ମୁଖପାତ୍ର ସମ୍ବିତ ପାତ୍ର ମଧ୍ୟ ଅପରାଧସ୍ଥଳର ଫଟୋ ଟୁଇଟ୍ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କର୍ମକର୍ତ୍ତା ବୋନ୍ଧୁଙ୍କ ସହ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶାସନକୁ ସେ ନିନ୍ଦା କରିଛନ୍ତି। ପଶ୍ଚିମବଙ୍ଗ ଆର୍‌ଏସ୍‌ଏସ୍ ସଚିବ ଜିଷ୍ଣୁ ବସୁ କହିଛନ୍ତି, ବୋନ୍ଧୁ ସଂଘର ଜଣେ କାର୍ଯ୍ୟକର୍ତ୍ତା ଥିଲେ ଏବଂ ନିକଟରେ ସାପ୍ତାହିକ ମିଳନ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ରାଜ୍ୟପାଳ ଜଗଦୀପ ଧନକାର ଗଭୀର ଶୋକବ୍ୟକ୍ତ କରିବା ସହ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣା ତାଙ୍କୁ ମର୍ମାହତ କରିଛି। ତୁରନ୍ତ ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ଓ ଅପରାଧୀ ଧରାପଡ଼ିବେ ବୋଲି ରାଜ୍ୟପାଳ କହିଛନ୍ତି। ଏହାସହ ସେ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଏହାକୁ ନେଇ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରାଜ୍ୟପାଳଙ୍କୁ ସମାଲୋଚନା କରିଛି। ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତିଙ୍କୁ ଏପରି ମନ୍ତବ୍ୟ ଶୋଭା ପାଏନାହିଁ। ଟିଏମ୍‌ସି କର୍ମୀମାନଙ୍କୁ ହତ୍ୟା କରାଯାଉଥିବାବେଳେ ରାଜ୍ୟପାଳ କାହିଁକି ଏପରି ମନ୍ତବ୍ୟ ଦିଅନ୍ତି ନାହିଁ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ରାଜ୍ୟପାଳ କ୍ଷମାମାଗନ୍ତୁ ବୋଲି ଟିଏମ୍‌ସି ସାଧାରଣ ସମ୍ପାଦକ ପାର୍ଥ ଚାଟାର୍ଜୀ ଦାବି କରିଛନ୍ତି।




## ବାର୍‌ହା ଆକ୍ରମଣରେ ୨ ଗୁରୁତର

**ଲଖନପୁର, ୧୦।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତବର୍ତ୍ତୀ ୧୯ଖଣ୍ଡ ମୌଜା କନକତୋରା ପଞ୍ଚାୟତର ଲୁହାବଗା ଗ୍ରାମରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ବାର୍‌ହା ରାସ୍ତା ଅତିକ୍ରମ କରୁଥିବାବେଳେ ଲୋକଙ୍କ ସହିତ ମୁହାଁମୁହିଁ ହୋଇଥିଲା। ସାଇକେଲରେ ଯାଉଥିବା ଲୁହାବଗା ଗ୍ରାମର ଲଖପତି ଭୋଇ(୬୦)ଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ଏଥିରେ ଲଖପତି ତଳେପଡ଼ି ଆହତ ହୋଇଥିଲେ। ପରେ ଉକ୍ତ ବାର୍‌ହା ଆଗକୁ ଯାଇ ଉକିଆ ପ୍ରଧାନ(୭୫) ନାମକ ଜଣେ ବୃଦ୍ଧାଙ୍କୁ ଆତଙ୍କିତ ଆକ୍ରମଣ କରିଥିଲା।








ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର । -ଏଡୱାର୍ଡ୍ସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରିଜିଓନାଲ୍ ରିସୋର୍ସ ଅଫ୍ ଟ୍ରେନିଂ ସେଣ୍ଟର ପକ୍ଷରୁ ୱାକାଥନ୍, ପ୍ରେସ୍ ଛକ, ସକାଳ ୮ଟା।
- ଆର୍ଟ ଭିଜନ ପକ୍ଷରୁ ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ରାଜ୍ୟସ୍ତରୀୟ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ, ସକାଳ ୯ଟା ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ରଙ୍ଗବତୀ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଭିଙ୍ଗାରପୁର ମେଢ଼ ସମୂହର ଭସାଣି ଉତ୍ସବ, ଭିଙ୍ଗାରପୁର ମା' ଦୁର୍ଗାଙ୍କ ମଣ୍ଡପ ସମ୍ମୁଖ, ଅପରାହ୍ନ ୩ଟା।

**କଟକ**

- ଗାନ୍ଧୀ-ଲୋହିଆ-ଜୟପ୍ରକାଶ ମଞ୍ଚ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୭ତମ ଜୟନ୍ତୀ, ଜୟପ୍ରକାଶ ଉଦ୍ୟାନ, ସେକ୍ଟର-୬, ମର୍କତନଗର, ସକାଳ ୮ଟା ୩୦।
- ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ମନମୋହନ ଚୌଧୁରୀଙ୍କ ଜୟନ୍ତୀ ଉତ୍ସବ, ଗୁଣନିଧି ଭବନ, ଥୋରିଆସାହି, ସନ୍ଧ୍ୟା ୫ଟା ୩୦।

**ପୁରୀ**

- ପୁରୀ ଜିଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘର ରାଜ୍ୟ ସମ୍ମିଳନୀ, ପୌର ସଦନ, ପୂର୍ବାହ୍ନ ୧୧ଟା।
- ଶ୍ରୀମନ୍ଦିର ଠିକା କର୍ମଚାରୀ ସଂଘର ବିକ୍ଷୋଭ, ମନ୍ଦିର କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା।

## କାଇପଦରରେ ବୋମାମାଡ

ଖୋର୍ଦ୍ଧା ଅଫିସ, ୧୦।୧୦: ଖୋର୍ଦ୍ଧା ସଦର ଥାନାର କାଇପଦରରେ ବୁଧବାର ରାତି ପ୍ରାୟ ୮ଟା୨୦ମିନିଟ୍‌ରେ ବୋମାମାଡ ହୋଇଛି। କେହି ଦୁର୍ବୃତ୍ତ ଦୀପକ ରାଉତଙ୍କ ଘର ଉପରକୁ ବୋମାମାଡ କରିବାକୁ ଉଦ୍ୟମ କରିଥିଲେ। ହେଲେ ବୋମା ରାସ୍ତା ଉପରେ ଫୁଟି ଯାଇଥିବା ଜଣାପଡିଛି। ଦୀପକଙ୍କ ଅଭିଯୋଗ ପରେ ପୋଲିସ ନଂ. ୧୩୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ନୂଆ ଟ୍ରେଣ୍ଡ୍
# ଟ୍ରାଇବାଲ ଆର୍ଟ




**ସସ୍ମିତା ପାଇକରାୟ**

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ପଞ୍ଚତାରକା ହୋଟେଲରୁ ଆରମ୍ଭକରି ନାମୀଦାମୀ ଅଫିସର ଲବି ପର୍ଯ୍ୟନ୍ତ, ଲ୍ୟାଭିସ୍ ରେସ୍ତୋରାଁରୁ ଲୋକଙ୍କ ଡ୍ରଇଂ ରୁମ୍ ପର୍ଯ୍ୟନ୍ତ, ଆଜିକାଲି ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳୁଛି ଟ୍ରାଇବାଲ ଆର୍ଟର ଆକର୍ଷଣୀୟ ଚିତ୍ରକଳା। ସଉରା ହେଉ କି ଗଣ୍ଡ ପେଣ୍ଟିଂ, ଧୀରେ ଧୀରେ ଲୋକଙ୍କ ମଧ୍ୟରେ ଏହି ପାରମ୍ପରିକ ଚିତ୍ରକଳାର ଲୋକପ୍ରିୟତା ଦେଖିବାକୁ ମିଳୁଛି। ବିଶେଷକରି ରାଜ୍ୟ ବାହାରେ ଏବଂ ବିଦେଶରେ ଓଡ଼ିଶା ଟ୍ରାଇବାଲ ଆର୍ଟର ବିଶେଷ ଚାହିଦା ଦେଖିବାକୁ ମିଳୁଛି। ଏପରି କି ନିଫ୍ଟ ଭଳି ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ କନ୍ଧ, ଜୁଆଙ୍ଗ, ଗଣ୍ଡ, ସାନ୍ତାଳ ଓ ସଉରା ଭଳି ଜନଜାତିଙ୍କ ଚିତ୍ରକଳାକୁ ବର୍ତ୍ତମାନର ଫ୍ୟାଶନ ଟ୍ରେଣ୍ଡରେ ସାମିଲ କରିଛନ୍ତି। ଯାହାକି କେବଳ ଜନଜାତି କଳାକାରଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିନି, ବରଂ ଓଡ଼ିଶାର ପାରମ୍ପରିକ ଜନଜାତି କଳାକୁ ବିଶ୍ୱ ଦରବାରରେ ପରିଚିତ କରାଇବାର ସୁଯୋଗ ଆଣିଦେଇଛି।

ଇଣ୍ଟେରିୟର ଡେକୋରେଶନ ବା ଘରସଜ୍ଜାରେ ପେଣ୍ଟିଂର ଡିମାଣ୍ଡ ସବୁଠାରୁ ଆଗରେ ରହୁଥିବାବେଳେ ଏହା ଏକ ଆଭିଜାତ୍ୟ ପରମ୍ପରାରେ ପରିଣତ ହୋଇଛି। ପୂର୍ବରୁ କିଛି ଶିଳ୍ପପତି ଓ ହୋଟେଲିୟରଙ୍କ ପାଇଁ ଚିତ୍ରକଳା ରଖିବା ଏକ ସଉକ୍ ଥିବାବେଳେ ଏବେ ଏହା ଅଧିକାଂଶଙ୍କ ଆକର୍ଷଣ ପାଲଟିଛି। ଆଜିକାଲି ସବୁକ୍ଷେତ୍ରରେ କ୍ଲାସିକ୍ ଟ୍ରେଣ୍ଡ୍ ଚାଲିଥିବାବେଳେ ଚିତ୍ରକଳା କ୍ଷେତ୍ରରେ ମଧ୍ୟ କ୍ଲାସିକ୍ ବା ପାରମ୍ପରିକ କଳାର ଲୋକପ୍ରିୟତା ପୁଣିଥରେ ଫେରିଛି। ତେବେ ଏ କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି ଟ୍ରାଇବାଲ ଆର୍ଟ। ଟ୍ରାଇବାଲ ଜୁଏଲେରି, ଟ୍ରାଇବାଲ୍ ହ୍ୟାଣ୍ଡଲୁମ୍ ଭଳି ଟ୍ରାଇବାଲ ଚିତ୍ରକଳା ବହୁଳ ଲୋକପ୍ରିୟତା ହାସଲ କରିଛି। ଯେଉଁଥିପାଇଁ ୱାଲ୍‌ପେଣ୍ଟିଂ, ଫ୍ୟାବ୍ରିକ୍ ଆର୍ଟ, ହୋମ୍ ଡେକୋର୍, ଫ୍ୟାଶନ ଆପାରେଲ୍ ଭଳି ବିଭିନ୍ନ କ୍ଷେତ୍ରରେ ଏହାର ବ୍ୟବହାର କରାଯାଉଛି। ତେବେ ଧୀରେ ଧୀରେ କିଛି ଜନଜାତି ଚିତ୍ରକଳା ଲୋପ ପାଇଯାଉଥିବାରୁ ଏହି ବିରଳ କାରିଗରିର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ଏହାକୁ ହସ୍ତଶିଳ୍ପର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏନେଇ ପଦକ୍ଷେପ ନିଆଯାଇଥିବାବେଳେ ବିଭାଗ ଅଧୀନରେ ଥିବା 'ଆଦିଶା' ମାଧ୍ୟମରେ ଗଣ୍ଡ, ସଉରା, ସାନ୍ତାଳ ଆଦି ଜନଜାତି ଚିତ୍ରକଳାର ବିକ୍ରିବଟା କରାଯାଉଛି।

### ଆଗ୍ରହ ଦେଖାଉଛନ୍ତି ବିଦେଶୀ ବ୍ରାଣ୍ଡ୍

ବିଶ୍ୱସ୍ତରରେ ଓଡ଼ିଶା ଟ୍ରାଇବାଲ ଆର୍ଟର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି। ଯୁବପିଢି ଏବଂ କଳାପ୍ରେମୀଙ୍କୁ ଜନଜାତି ଚିତ୍ରକଳା ଶିଖାଇବା ଲାଗି ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଉଛି। ବହୁ ବିଦେଶୀ ବ୍ରାଣ୍ଡ୍ ଓଡ଼ିଶା ଟ୍ରାଇବାଲ ଆର୍ଟ ପାଟର୍ନକୁ ବ୍ୟବହାର କରିବାକୁ ଆଗ୍ରହ ଦେଖାଉଥିବାରୁ ଏହା ଯୁବ କଳାକାରଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି। ଏହାସହ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି(ନିଫ୍ଟ) ଏବଂ ଅନ୍ୟାନ୍ୟ ସରକାରୀ ଶିକ୍ଷାନୁଷ୍ଠାନ ବର୍ତ୍ତମାନର ଚାହିଦା ଓ ଡିଜାଇନ୍‌କୁ ଦୃଷ୍ଟିରେ ରଖି ଜନଜାତି କଳାକାରଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ପାରମ୍ପରିକ ଜନଜାତି ଚିତ୍ରକଳାର ମୌଳିକତାକୁ କ୍ଷୁଣ୍ଣ ନ କରି ମଧ୍ୟ ଏହାକୁ କିଭଳି ବର୍ତ୍ତମାନର ପିଢିଙ୍କ ପାଇଁ ଆକର୍ଷଣୀୟ କରିହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି।

### ପ୍ରତି ଚିତ୍ର ପଛରେ ଥାଏ କାହାଣୀ

ଓଡ଼ିଶାରେ ୬୨ ଭିନ୍ନ ସମ୍ପ୍ରଦାୟର ଜନଜାତି ବସବାସ କରୁଥିବାବେଳେ ସେମାନଙ୍କ କଳା, ସଂସ୍କୃତି, ପରମ୍ପରା ଏକ ଉତ୍କୃଷ୍ଟ ବାର୍ତ୍ତା ପ୍ରଦାନ କରିଥାଏ। ବିଶେଷକରି ଜନଜାତି ଚିତ୍ରକଳା ଓ ଏହାର ସୂକ୍ଷ୍ମ କାରିଗରି କୌଶଳ ସର୍ବଦା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପ୍ରତି ସମ୍ପ୍ରଦାୟର ନିଜ ନିଜର ସ୍ୱତନ୍ତ୍ର ଚିତ୍ରକଳା ଶୈଳୀ ରହିଥିବାବେଳେ ଏହା ବିଭିନ୍ନ ସାମାଜିକ କଥା କାହାଣୀ ଉପରେ ପର୍ଯ୍ୟବସିତ ଥାଏ। ଜନଜାତି ସଂସ୍କୃତି ଓ ପରମ୍ପରା ସହ ଏହି ଚିତ୍ରକଳାର ନିବିଡ଼ ସମ୍ପର୍କ ରହିଥିବାବେଳେ ଏହାକୁ ସେମାନେ ପବିତ୍ର ବୋଲି ମନେକରିଥାନ୍ତି। ସଉରା, ଡଙ୍ଗରିଆ କନ୍ଧ, କିସାନ୍ ଓ ଜୁଆଙ୍ଗ ଆଦି ସମ୍ପ୍ରଦାୟର ଚିତ୍ରକଳା ପରସ୍ପରଠାରୁ ଭିନ୍ନ ଏବଂ ହଜାର ହଜାର ଜନଜାତି କାରିଗର ଏହି ଚିତ୍ରକଳା ସହ ଏବେ ଜଡ଼ିତ ରହିଛନ୍ତି। ମଣିଷ, ହାତୀ, ଘୋଡ଼ା, ସୂର୍ଯ୍ୟ, ଚନ୍ଦ୍ର, ବୃକ୍ଷଲତା ଆଦିକୁ ନେଇ ଅଙ୍କାଯାଉଥିବା ସଉରା ଚିତ୍ରକଳାର ଆଦୃତି କେବଳ ଦେଶରେ ନୁହେଁ, ଦେଶ ବାହାରେ ମଧ୍ୟ ରହିଛି। ପ୍ରାକୃତିକ ରଙ୍ଗ ଓ ପ୍ରାକୃତିକ ସାମଗ୍ରୀକୁ ବ୍ୟବହାର କରି ଅଙ୍କାଯାଉଥିବା ଜନଜାତି ଚିତ୍ରକଳା ପରିବେଶ ସୁରକ୍ଷାର ବାର୍ତ୍ତା ବହନ କରିଥାଏ। ସଉରା ଚିତ୍ରକଳା ବିଭିନ୍ନ ଭାବନା ଓ ପରିସ୍ଥିତିକୁ ବର୍ଣ୍ଣନା କରୁଥିବାବେଳେ କନ୍ଧ ଜନଜାତିଙ୍କ ଚିତ୍ରକଳା ଜିଓମେଟ୍ରିକ୍ ପାଟର୍ନରେ ହୋଇଥାଏ। ସେହିଭଳି ସାନ୍ତାଳ ଚିତ୍ରକଳାରେ ଆଳଙ୍କାରିକ ଡିଜାଇନ୍, ପାଉଡିଭୂୟାଁଙ୍କ ଚିତ୍ରକଳାରେ କୃଷି ଓ ଚାଷ ସମ୍ପର୍କିତ କାହାଣୀ ଏବଂ ଜୁଆଙ୍ଗମାନଙ୍କ ଚିତ୍ରକଳାରେ ପଶୁପକ୍ଷୀ ଏବଂ ଫୁଲଫଳ ଦେଖିବାକୁ ମିଳିଥାଏ।




■ ଖଦି ବୋର୍ଡ ପରିଦର୍ଶନରେ ସୁବାରାଓ

# ଭାରତୀୟ ଅର୍ଥନୀତିର ପୃଷ୍ଠପୋଷକ ଥିଲା ଖଦି



ଡ. ଏସ୍.ଏନ୍. ସୁବାରାଓ ଏବଂ ଅନ୍ୟମାନେ ଖଦି ବୋର୍ଡ ପରିସରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଖ୍ୟାତନାମା ଗାନ୍ଧିବାଦୀ ତଥା ସର୍ବୋଦୟ ନେତା ଡ. ଏସ୍.ଏନ୍. ସୁବାରାଓ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଗୁରୁବାର ସେ ଓଡ଼ିଶା ସରକାରଙ୍କ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପରିଦର୍ଶନ କରିଥିଲେ। ଏହି ଅବସରରେ ଡ. ସୁବାରାଓଙ୍କୁ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ସ୍ୱାଗତ କରିଥିଲେ। ଖଦି ବୋର୍ଡ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାପରେ ସେ ଖଦିର ପ୍ରଚାର ପ୍ରସାର ପାଇଁ ଗାନ୍ଧୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ସେ କହିଥିଲେ, ଖଦି ଭାରତୀୟ ଅର୍ଥନୀତିର ପୃଷ୍ଠପୋଷକ ରହିଆସିଥିବାବେଳେ ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ। ଖଦିର ପ୍ରଚାର ପ୍ରସାର ମାଧ୍ୟମରେ ବହୁ କାରିଗର ରୋଜଗାରକ୍ଷମ ହେବା ସହ ବେକାରି ସମସ୍ୟା ସମାଧାନରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଯୁବପିଢ଼ି ଖଦି ପ୍ରତି ଆକୃଷ୍ଟ ହେଲେ ଖଦିର ଚାହିଦା ଓ ବଜାର ବୃଦ୍ଧି ହୋଇପାରିବ। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଖଦି ପ୍ରତି ଆଦର ଓ ବ୍ୟବହାର ତାଙ୍କ ପ୍ରତି ଉଚିତ ସମ୍ମାନ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଖଦି ବୋର୍ଡ ସଭାପତି ପାଇକରାୟ ଖଦିର ପ୍ରଚାର ପ୍ରସାର ଦିଗରେ ଖଦି ବୋର୍ଡ ପକ୍ଷରୁ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ଖଦି ବୋର୍ଡ ଉପସଚିବ ତ୍ରିଯୋଗୀ ନାରାୟଣ ଦାଶ, ରେଣୁପ୍ରଭା ନାୟକଙ୍କ ସହ ବିକ୍ରମ ନାୟକ, ହରପ୍ରସାଦ ମହାପାତ୍ର, ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଖଦି ବୋର୍ଡ ସଚିବ ସରୋଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫ରେ ପୁରୀରୁ ମୈତ୍ରୀ ଯାତ୍ରା କରିବେ ୪୦ ଶ୍ରଦ୍ଧାଳୁ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ସ୍ୱାମୀ ଦିବ୍ୟାନନ୍ଦଙ୍କ ନେତୃତ୍ୱରେ ଆଗାମୀ ୧୫ ତାରିଖ ଦିନ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରୁ ଶ୍ରୀଜଗନ୍ନାଥ ଧାମରୁ ଶ୍ରୀପଶୁପତିନାଥ ମୈତ୍ରୀ ଯାତ୍ରାର ଶୁଭାରମ୍ଭ ହେବ। ଏଥିରେ ବିଭିନ୍ନ ବର୍ଗର ୪୦ଜଣ ଯାତ୍ରା କରିବେ ଏବଂ ୨୪ତାରିଖରେ ବିଶିଷ୍ଟ ଶାଳଗ୍ରାମଙ୍କୁ ନେଇ ଶ୍ରୀଜଗନ୍ନାଥ ଧାମ ପହଞ୍ଚିବେ। ଏ ନେଇ ନେପାଳର ପଶୁପତିନାଥ ଏରିଆ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ (ପିଏଡିଟି) ଶ୍ରୀଜଗନ୍ନାଥ ପ୍ରେମୀଙ୍କୁ ଆମନ୍ତ୍ରଣ କରିଛି। ପିଏଡିଟିର ସଦସ୍ୟ ସଚିବ ଡ. ପ୍ରଦୀପ ଢକାଲ୍ ନିଜେ ଓଡ଼ିଶା ଗସ୍ତରେ ଆସି ନିମନ୍ତ୍ରଣ ଜଣାଇଛନ୍ତି। ଏହି ଉପଲକ୍ଷେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡ. ଢକାଲ୍ କହିଛନ୍ତି, ଶ୍ରୀମନ୍ଦିରରୁ ସ୍ଥଳପଥେ ଟିମ୍ ନେପାଳ ଗସ୍ତରେ ବାହାରିବେ। ବାଟରେ ବିଭିନ୍ନ ଆଧ୍ୟାତ୍ମିକ ପୀଠ ଦର୍ଶନ କରି ନେପାଳ ପହଞ୍ଚି ସେଠାରେ ପଶୁପତିଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବେ। ଶ୍ରୀଜଗନ୍ନାଥଙ୍କ ଭୂମିରୁ ଏହା ନେପାଳ ପ୍ରତି ସବୁଠାରୁ ବଡ ଅବଦାନ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଧ୍ୟାତ୍ମିକ ଗୁରୁ ସାଧ୍ୱୀ କ୍ରିଷ୍ଣାନନ୍ଦ ସରସ୍ୱତୀ, ସ୍ୱାମୀ ଦିବ୍ୟାନନ୍ଦଜୀ, ସାମାଜିକ କର୍ମୀ ପରେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ସହ ନେପାଳର ସମ୍ପର୍କ ବହୁ ପୁରାତନ। ନବକଳେବର ସମୟରେ ଶ୍ରୀଜୀଉମାନଙ୍କୁ ନେପାଳ ରାଜା କସ୍ତୁରୀ ଯୋଗାଇ ଦେବାର ପରମ୍ପରା ଯୁଗ ଯୁଗରୁ ରହିଆସିଛି। ଗଜପତି ମହାରାଜଙ୍କ ଭଳି ନେପାଳର ରାଜା ଓ ରାଣୀ ବଡଦେଉଳ ଭିତରେ ରତ୍ନବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସିଧାସଳଖ ପୂଜା କରିବାର ଯୋଗ୍ୟତା ଅଛି। ଖାଲି ସେତିକି ନୁହେଁ, ନେପାଳ ରାଜପ୍ରାସାଦ ସମ୍ମୁଖରେ ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି, ଯାହା ଦୁଇ ତାଲା ବିଶିଷ୍ଟ। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଓଡ଼ିଶା ତଥା ଭାରତର ଲୋକ ଯେତେ ପରିଚିତ, ନେପାଳର ଜନସାଧାରଣ ବି ସେତିକି ପରିଚିତ।




ଖବରଦାତା ସମ୍ମିଳନୀରେ ମୈତ୍ରୀ ଯାତ୍ରା ସମ୍ପର୍କରେ ସୂଚନା ଦିଆଯାଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ନିର୍ଲିପ୍ତା



ଦେବଜିତ୍



ସସ୍ମିତା



ବିଜୟ



ସୁନୀଲ



ତପନ



ନୀନା



ସ୍ୱାଗତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।

- ଡାଓଜେନିସ୍



## ସଂକ୍ଷେପରେ

### ଆଜିଠାରୁ ବଢ଼ିବ ପାହାଳ ମିଠା ଦର

ବାଲିଅନ୍ତା,୧୦।୧୦(ଡି.ଏନ୍.ଏ): ଓମଫେଡ କ୍ଷୀର ଲିଟର ପିଛା ୪ଟଙ୍କା ବୃଦ୍ଧି ପରେ ଛେନାଦର କିଲୋ ପିଛା ୧୫ଟଙ୍କା ବୃଦ୍ଧି ପାଇଛି। ଫଳରେ ପାହାଳ ମିଠା ଦର ନିର୍ଦ୍ଧାରଣ ହୋଇପାରୁ ନ ଥିବାରୁ ଦୁଇ ଦିନ ହେବ ପାହାଳର ମିଠା ବଜାରରେ ଥିବା ପ୍ରାୟ ୮୦ଟି ଦୋକାନ ବନ୍ଦ ରହିଛି। ମିଠା ଦର ବୃଦ୍ଧି ପାଇଁ ଗୁରୁବାର ପାହାଳ ମିଠା ବ୍ୟବସାୟୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଛେନା ଦର ଉଚ୍ଚ ଦରରେ କିଣା ହେବାରୁ ମିଠା ଦର ବଢ଼ିବ ବୋଲି ସଂଘର ସଭାପତି ଅକ୍ଷୟ କୁମାର ଲେଙ୍କା କହିଛନ୍ତି। ଏହି ନୂଆ ଦର ଶୁକ୍ରବାର ଠାରୁ ଲାଗୁ କରାଯିବା ସହ ମିଠା ବଜାର ଖୋଲା ରହିବ ବୋଲି ଲେଙ୍କା କହିଥିଲେ।

### ହାତୀ ମୁହଁରୁ ବର୍ତ୍ତିଲେ ବୃଦ୍ଧ

ଝାଁଳା,୧୦।୧୦(ଡି.ଏନ.ଏ.): ହାତୀ ମୁହଁରୁ ଅଳ୍ପକେ ଜଣେ ବର୍ତ୍ତି ଯାଇଥିଲେ ହେଁ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଜଟଣୀ ବ୍ଲକ ଛତାବର ପଞ୍ଚାୟତ ଇନ୍‌ଫୋଭ୍ୟାଲି ଓ ମଦନପୁର ରାସ୍ତା ପାର୍ଶ୍ୱ ପଡ଼ିଆକୁ ରାତିରେ ହରିପୁର ଗ୍ରାମର କାଶୀନାଥ ଜେନା(୬୦) ନାମକ ବ୍ୟକ୍ତି ଶୌଚ ହେବାକୁ ଗୁରୁବାର ଆସିଥିଲେ। ଏହି ସମୟରେ ଏକ ଦନ୍ତାହାତୀ ତାଙ୍କୁ ଗୋଡ଼ାଇଥିଲା। ଜୀବନ ବଞ୍ଚାଇ କାଶୀନାଥ ଗ୍ରାମ ଆଡ଼କୁ ଦୌଡ଼ିଥିଲେ। ହାତୀଟି ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ତାଙ୍କ ପିଛା କରିଥିଲା। କିଛିଦିନ ହେବ ଚନ୍ଦକା ଜଙ୍ଗଲରୁ ହାତୀପଲ ଚାଲି ଆସି ଏହି ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା, ଛତାବର ପଞ୍ଚାୟତର ଅନେକ ଗ୍ରାମରେ ଚାଷଜମି ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ଝାଁଳା ପଞ୍ଚାୟତରେ ଥିବା ଏକ ଘରୋଇ ସ୍କୁଲ ପଡ଼ିଆରେ ହାତୀ ପାଦଚିହ୍ନ ପଡ଼ିଥିବା ଦେଖିବାକୁ ମିଳିଥିବାରୁ ପାଖାପାଖି ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଛନ୍ତି।

### ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘର ଧାରଣା

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ): ୫ ଦଫା ଦାବି ନେଇ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟର ୪ ହଜାର ବିଦ୍ୟାଳୟ ସଂଯୋଜକ (କମ୍ପ୍ୟୁଟର ଶିକ୍ଷକ) ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କମ୍ପ୍ୟୁଟର ଶିକ୍ଷକଙ୍କୁ ସରକାରୀ ମାନ୍ୟତା ସହ ପୁନଃ ନିଯୁକ୍ତି, ସମସ୍ତ ଉଚ୍ଚବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପ୍ରଚଳନ, ବିଦ୍ୟାଳୟ ସଂଯୋଜକ ପରିବର୍ତ୍ତେ 'କମ୍ପ୍ୟୁଟର ଶିକ୍ଷକ' ନାମ କରଣ, ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶ ଏବଂ ଛାତ୍ରୀଛାତ୍ରଙ୍କ ବୈଷୟିକ ଜ୍ଞାନର ଉନ୍ନତି ନିମନ୍ତେ 'ଆଇସିଟି-ଇ ବିଦ୍ୟାଳୟ'କୁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳନା କରିବା ଓ ବେସରକାରୀ ପରିଚାଳନାରୁ ମୁକ୍ତ କରିବା ଦାବିରେ ଶତାଧିକ ଶିକ୍ଷକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସ୍ଥାନୀୟ ଲୋୟର ପିଏମ୍‌ଜିରେ ସଂଘର କାର୍ଯ୍ୟକାରୀ ସଭାପତି ସୌମ୍ୟରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ସମ୍ପାଦକ ଦିଲୀପ ନାୟକ, ଉପସଭାପତି ଜିତୁଚନ୍ଦ୍ର ସାହୁ, ସୁବ୍ରତକୁମାର କର ଓ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସରକାରୀ କ୍ୱାର୍ଟର୍ସ ପାଣିଟାଙ୍କିରୁ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)



- ନିଶାଗ୍ରସ୍ତ ହୋଇ ମାନସିକ ଭାରସାମ୍ୟ ହରାଇଥିଲେ
- ଘର ଟ୍ୟାପ୍‌ରୁ ପେଟ୍ରୋଲ ଗନ୍ଧ ବାହାରିବାରୁ ଜଣାପଡ଼ିଲା

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୯ର ପ୍ଲଟ୍ ନଂ.୧୨୯ସ୍ଥିତ ସରକାରୀ କ୍ୱାର୍ଟର୍ସର ଛାତ ଉପର ଥିବା ପାଣି ଟାଙ୍କିରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ଉକ୍ତ କ୍ୱାର୍ଟର୍ସରେ ରହୁଥିବା ପ୍ରକାଶଚନ୍ଦ୍ର ଜେନାଙ୍କ ପୁଅ ହେଲେ ତୀର୍ଯ୍ୟକ ତେଜନ ଜେନା(୧୯)। ଅଗ୍ନିଶମ କର୍ମଚାରୀମାନେ ପାଣିଟାଙ୍କି ଭାଙ୍ଗି ମୃତଦେହକୁ ବାହାର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ନଂ.୩୧/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ତୀର୍ଯ୍ୟକ ପାଣି ଟାଙ୍କିକୁ କିଭଳି ଗଲେ ଓ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି ତାହାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ମୃତକଙ୍କ ବାପା ପ୍ରକାଶଚନ୍ଦ୍ର ଗୃହ ବିଭାଗରେ ଚାକିରି କରିବା ସହ ଉକ୍ତ ସରକାରୀ କ୍ୱାର୍ଟର୍ସରେ ପରିବାର ସହ ରୁହନ୍ତି। ପୁଅ ତୀର୍ଯ୍ୟକ ନିଶାଗ୍ରସ୍ତ ହୋଇ ମାନସିକ ଭାରସ୍ୟାମ ହରାଇଥିଲେ। ପରିବାର ଲୋକେ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିଛି ମାସ ସେଠାରେ ଚିକିତ୍ସିତ ହେବା ପରେ ତୀର୍ଯ୍ୟକ ଘରକୁ ଆସିଥିଲେ। ହେଲେ ପୂର୍ବଭଳି ତାଙ୍କର ମାନସିକ ସ୍ଥିତି ଭଲ ନ ଥିଲା। ଗୁରୁବାର ସକାଳେ ତୀର୍ଯ୍ୟକ ବିଛଣାରୁ ଉଠିବା ପରେ ସବୁଦିନ ପରି ନିକଟ ଏକ ସ୍କୁଲ ପଡିଆକୁ ବୁଲିବାକୁ ଯାଇଥିଲେ। ସେଠାରୁ ଫେରି ଘର ଛାତ ଉପରକୁ ଯାଇଥିବା ତାଙ୍କ ଖୁଡ଼ୀ ଦେଖିଥିଲେ। ଜଳଖିଆ ଖାଇବା ପାଇଁ ପରିବାର ଲୋକେ ତାଙ୍କୁ ଖୋଜି ପାଇ ନ ଥିଲେ। ଏହି ସମୟରେ ଘରର କେହି ଜଣେ ସଦସ୍ୟ ପାଣି ପିଇବା ପାଇଁ ଘର ଭିତରେ ଲାଗିଥିବା ଟ୍ୟାପ୍ ଖୋଲିବାରୁ ପେଟ୍ରୋଲ ଗନ୍ଧ ହୋଇଥିଲା। ପରିବାର ଲୋକେ ଛାତ ଉପରକୁ ଯିବାରୁ ପାଣି ଟାଙ୍କି ଉପରେ ଏକ କପଡା ପଡ଼ିଥିବା ଓ ଢାଙ୍କୁଣି ଖୋଲାଥିବା ଦେଖି ସନ୍ଦେହ କରିଥିଲେ। ତୀର୍ଯ୍ୟକଙ୍କ ମୃତଦେହ ଟାଙ୍କି ଭିତରେ ଭାସୁଥିବା ଦେଖି ତୁରନ୍ତ ସେମାନେ ଥାନାକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। ତୀର୍ଯ୍ୟକ ନିଶାସକ୍ତ ଥିବାରୁ ପେଟ୍ରୋଲି ପିଇଥିବା କିମ୍ବା ଶୁଙ୍ଘିଥାଇ ପାରନ୍ତି। ଏହାପରେ ଦେହ ଜଳାପୋଡା ହେବାରୁ ସେ ପାଣି ଭିତରେ ପଶିବା ପାଇଁ ଟାଙ୍କିର ଢାଙ୍କୁଣି ଖୋଲି ଭିତରକୁ ଯାଇଥାଇପାରନ୍ତି। ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହୁଛି। ଅନ୍ୟପକ୍ଷରେ ତୀର୍ଯ୍ୟକଙ୍କ ମୃତଦେହରୁ କିଛି ଭିନ୍ନ ଧରଣର ପ୍ରଦାର୍ଥ ବାହାରୁ ଥିବାରୁ ଭିସେରା ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ କିଛି ବି କହିବା ସମ୍ଭବ ନୁହେଁ ବୋଲି ହସ୍ପିଟାଲ ଡାକ୍ତର କହିଛନ୍ତି।

#### ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପାଇଁ କମିଶନରେଟ ପୋଲିସର ପ୍ରଥମ ବୈଠକ

## ଖେଳାଳିଙ୍କ ସୁରକ୍ଷାରେ ରହିବେ ୨୨ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ଏଫ୍‌ଆଇଏଚ୍ ଅଲିମ୍ପିକ୍ସରେ ଯୋଗ୍ୟତା ଅର୍ଜନ ପାଇଁ ହକି ଟୁର୍ନାମେଣ୍ଟ ଆସନ୍ତା ୧ ଓ ୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଭାରତର ମହିଳା ଓ ପୁରୁଷ ଟିମ୍, ରୁଷିଆର ପୁରୁଷ ଏବଂ ୟୁଏସ୍‌ଏର ମହିଳା ହକି ଟିମ୍ ଭାଗନେବେ। ଖେଳାଳି ଓ ଦର୍ଶକଙ୍କ ସୁରକ୍ଷା ସହ ଟ୍ରାଫିକ ପରିଚାଳନା ପାଇଁ ଗୁରୁବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ପ୍ରଥମ ବୈଠକ ବସିଥିଲା। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଫ୍‌ଆଇଏଚ୍ ଅଧିକାରୀ ଓ ସ୍ପୋର୍ଟ୍ସ ବିଭାଗ ନିର୍ଦ୍ଦେଶକ ଆର୍.ଭିନୀଲ କ୍ରିଷ୍ଣାଙ୍କ ସମେତ ରାଜ୍ୟ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମିଳିଥିବା ସୂଚନାନୁସାରେ, ଖେଳାଳିଙ୍କ ସୁରକ୍ଷା ପାଇଁ ୨୨ପ୍ଲାଟୁନ ପୋଲିସ ଫୋର୍ସ ଓ ୧୫୦ ଅଫିସର ମୁତୟନ ହେବେ। ଖେଳାଳିଙ୍କ ଯାତାୟାତ ପଥ ଓ ରହୁଥିବା ହୋଟେଲରେ କଡ଼ା ସୁରକ୍ଷା ବ୍ୟବସ୍ଥା ହେବ। ଆହୁରି ମଧ୍ୟ ଖେଳାଳି ବାହାରକୁ ବୁଲିବାକୁ ଚାହିଁଲେ କମିଶନରେଟ ପୋଲିସର ଅନୁମତି ନେବେ। ସେମାନଙ୍କ ସହ ମଧ୍ୟ ସୁରକ୍ଷା କର୍ମୀ ରହିବେ। ଏହାସହ ମ୍ୟାଚ୍ ଦିନ କଳିଙ୍ଗ ଷ୍ଟାଡିୟମ ସମ୍ମୁଖରେ ଭିଡ ନିୟନ୍ତ୍ରଣ ପାଇଁ କିପରି ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ପରବର୍ତ୍ତୀ ବୈଠକରେ ଏହା ଉପରେ ଅଧିକ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ସହ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ତରଙ୍ଗ ଥିଏଟର୍ ଭୁବନେଶ୍ୱର ପକ୍ଷରୁ ଗୁରୁବାର ଭଞ୍ଜକଳା ମଣ୍ଡପରେ ଆୟୋଜିତ ନାଟକ 'ଗାନ୍ଧୀଙ୍କ ସହ ଗୋଟିଏ ରାତି'ର ଏକ ଦୃଶ୍ୟ।

#### ଚୋରା ପଥର ଚାଲାଣ, ବେଆଇନ ଅସ୍ତ୍ରଶସ୍ତ୍ର କାରବାର

## ୨ ୱାଣ୍ଟେଡ ଅଭିଯୁକ୍ତଙ୍କୁ ଗିରଫ କଲା ଏସ୍‌ଟିଏଫ୍

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

- ୪ ଦିନିଆ ରିମାଣ୍ଡ ଆବେଦନ
- ଏସ୍‌ଟିଏଫ୍ ଟାର୍ଗେଟ ତାଲିକାରେ ଆଉ ୧୫

ଖୋର୍ଦ୍ଧା ତାପଙ୍ଗ ଅଞ୍ଚଳରେ ବେଆଇନ ପଥର ଉତ୍ତୋଳନଠାରୁ ଆରମ୍ଭ କରି ବେଆଇନ ଅସ୍ତ୍ରଶସ୍ତ୍ର କାରବାରରେ ସଂପୃକ୍ତ ୨ ମୋଷ୍ଟ ୱାଣ୍ଟେଡ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ନାରାୟଣ ନଗର ଅଞ୍ଚଳର ପ୍ରଫୁଲ ନାୟକ ଓରଫ ଟୁନା ଓ କୁମାରବସ୍ତ ଅଞ୍ଚଳର ଅବନିକାନ୍ତ ସାମନ୍ତରାୟ। ଗୁରୁବାର ଏସ୍‌ଟିଏଫ୍ ଟିମ୍ ଖୋର୍ଦ୍ଧା ଅଞ୍ଚଳରେ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ଏହାପରେ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ପଚରାଉଚରା ପରେ ସେମାନଙ୍କୁ ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସେମାନଙ୍କ ଅପରାଧ ସାମ୍ରାଜ୍ୟର ଗୁମର ଖୋଲିବାକୁ ଏସ୍‌ଟିଏଫ୍ ୪ ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିବା ସୂଚନା ମିଳିଛି।

ମିଳିଥିବା ସୂଚନାନୁସାରେ, ଖୋର୍ଦ୍ଧା ଜିଲାରେ ବେଆଇନ ପଥର ଖଣି ଖନନ ଓ ପଥର ଚୋରା ଚାଲାଣ ଘଟଣାର ତଦନ୍ତ କରୁଛି ଏସ୍‌ଟିଏଫ୍। ଜଗନ୍ନାଥଙ୍କ ନାମରେ ଥିବା ପାହାଡ ଓ ଜମିରୁ ବେଆଇନ ପଥର ଉତ୍ତୋଳନ ନେଇ ଏସ୍‌ଟିଏଫ୍ ଗତ ଜୁଲାଇ ୧ରେ ଏକ ମାମଲା (ନଂ. ୭/୧୯) ରୁଜୁ କର ଘଟଣାର ତଦନ୍ତ କରୁଛି। ଏହି ମାମଲାରେ ଅବନିକାନ୍ତ ଓ ପ୍ରଫୁଲଙ୍କୁ ଧରିବା ପରେ ଏସ୍‌ଟିଏଫ୍‌ର ଗିରଫ ସଂଖ୍ୟା ୧୫ରେ ପହଞ୍ଚିଛି। ତେବେ ଆଉ ୧୫ଜଣ ୱାଣ୍ଟେଡ୍ ତାଲିକାରେ ରହିଥିବା ଜଣାପଡିଛି।

ଅନ୍ୟପକ୍ଷରେ ଏହି ଦୁଇ ଅଭିଯୁକ୍ତ ଚୋରା ଅସ୍ତ୍ରଶସ୍ତ୍ର କାରବାର କରୁଥିଲେ। ପ୍ରଫୁଲ ବାହାର ରାଜ୍ୟରୁ ପିସ୍ତଲ ଆଣି ପୁରୀ, କଟକ, ଭଦ୍ରକ ଓ ଭୁବନେଶ୍ୱରକୁ ଏଜେଣ୍ଟ ଜରିଆରେ ପଠାଇ ବିକ୍ରି କରୁଥିଲେ। ଏନେଇ ପ୍ରଫୁଲଙ୍କ ନାମରେ ଖୋର୍ଦ୍ଧା ଥାନାରେ ମାମଲା ନଂ. ୪୨/୨୦୧୭ ଓ ୪୯୫/୨୦୧୮ ଆଦି ୫ ମାମଲା ରହିଛି। ଏଥିସହ ସେମାନେ ବହୁ ଅପରାଧରେ ସମ୍ପୃକ୍ତ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି।

## ବିଶ୍ୱନାଥ ପଶାୟତ ମେମୋରିଆଲ୍ ପାଠାଗାର ଉଦ୍‌ଘାଟିତ



ପାଠାଗାର ଉଦ୍‌ଘାଟନ ଅବସରରେ ଅତିଥିମାନେ।

କଟକ ଅଫିସ, ୧୦।୧୦

କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ପରିସରରେ ସ୍ୱର୍ଗତ ବିଶ୍ୱନାଥ ପଶାୟତଙ୍କ ୧୦୭ତମ ଜନ୍ମବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା ଉଦ୍‌ଘାଟନ କରିବା ସହ ବିଶ୍ୱନାଥଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିସହ ଜଷ୍ଟିସ୍ ପଣ୍ଡା କ୍ରିମିନାଲ୍ କୋର୍ଟ ବାର୍‌ରେ ବିଶ୍ୱନାଥ ପଶାୟତ ମେମୋରିଆଲ୍ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବିଶ୍ୱନାଥ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଆଦର୍ଶ। ତାଙ୍କ ଆଦର୍ଶରେ ପ୍ରତ୍ୟେକ ଯୁବ ଆଇନଜୀବୀ ଅନୁପ୍ରାଣିତ ହେବା ଉଚିତ। ଏହି କାର୍ଯ୍ୟକ୍ରମରେ କ୍ୟାଟ୍‌ର ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତି, କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସଭାପତି କାମଦେବ କାନୁନ୍‌ଗୋ, ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି, ଉପସଭାପତି ସନ୍ତୋଷ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

#### ଆଇନଜୀବୀ ବିଶ୍ୱନାଥ ପଶାୟତ ସ୍ମାରକୀ ବକ୍ତୃତାମାଳା

## 'ମାନବାଧିକାର ସୁରକ୍ଷା ପାଇଁ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ'

କଟକ ଅଫିସ,୧୦।୧୦



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରେସ୍ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ସି.କେ. ପ୍ରସାଦ ଓ ଅନ୍ୟ ଅତିଥି।

ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରି ଓ ସମାଜର ଆଇନା। ସମାଜର ପ୍ରତ୍ୟେକ ବ୍ୟବସ୍ଥା, ସୁବିଧା, ଅସୁବିଧା ଏଥିରେ ପ୍ରତିଫଳିତ ହୋଇଥାଏ। ପ୍ରତିଦିନ ଘଟୁଥିବା ଘଟଣା ଓ ଦୁର୍ଘଟଣା ଉପରେ ଗଣମାଧ୍ୟମର ଦୃଷ୍ଟି ରହିଥାଏ। ବିଭିନ୍ନ ସମୟରେ ମାନବାଧିକାର ଉଲ୍ଲଂଘନ ହେଉଥିବା ନଜରକୁ ଆସିଥାଏ। ଏହାକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମୁଖ୍ୟତଃ ଉପାନ୍ତ ଅଞ୍ଚଳରେ ମାନବାଧିକ ଉଲ୍ଲଂଘନ ଘଟଣା ବେଶି ଘଟୁଛି। ତେଣୁ ମାନବାଧିକାର ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ତଥା ପ୍ରେସ୍ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ସି.କେ. ପ୍ରସାଦ କହିଛନ୍ତି। କଟକ ଶହୀଦ ଭବନରେ ବିଶିଷ୍ଟ ଆଇନଜୀବୀ ତଥା ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ୧୦୭ତମ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ବିଶ୍ୱନାଥ ପଶାୟତ ସ୍ମାରକୀ ବକ୍ତୃତାମାଳାରେ ଜଷ୍ଟିସ୍ ପ୍ରସାଦ ଏହା କହିଥିଲେ। ଗଣମାଧ୍ୟମ ସର୍ବଦା ଖବର ପ୍ରସାରଣ କଲାବେଳେ ନିର୍ଦ୍ଦିଷ୍ଟ ନୀତିନିୟମକୁ ଅନୁକରଣ କରିବା ଉଚିତ୍ ବୋଲି ଜଷ୍ଟିସ ପ୍ରସାଦ କହିଥିଲେ। ଲୋକପାଳ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷ ଏହାକୁ ଉଦ୍‌ଘାଟନ କରି କହିଥିଲେ, ସମାଜର ଅବହେଳିତ ଲୋକଙ୍କ ପାଇଁ ବିଶ୍ୱନାଥଙ୍କ ଅବଦାନ ଅତୁଳନୀୟ। ଏଥିରେ ବିଶ୍ୱନାଥ ପଶାୟତ ସ୍ମୃତି କମିଟି ଆବାହକ ତଥା ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଶ୍ୱନାଥ ପଶାୟତଙ୍କ ଉଦ୍ଦେଶ୍ୟରେ ସଦ୍‌ଗୁରୁ ଜାଗି ବାସୁଦେବଙ୍କ ବାର୍ତ୍ତା ଭିଡିଓ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବି.କେ. ମହାନ୍ତି, ଗୋପାଳକୃଷ୍ଣ ମହାନ୍ତି, ଡି.ପି. ଧଳ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱନାଥ ପଶାୟତ ମେମୋରିଆଲ୍ କମିଟି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କା ଓ ଡା. ପ୍ରତିଭା କାନୁନ୍‌ଗୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ରାଜ୍ୟର ବିଭିନ୍ନ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱର୍ଗତ ବିଶ୍ୱନାଥ ପଶାୟତଙ୍କ ପୁତ୍ର ତଥା ଏସ୍‌ଆଇଟିରେ ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତ, ହାଇକୋର୍ଟର ବହୁ ବିଚାରପତି, ବରିଷ୍ଠ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।



ହୃଦୟ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଗୁରୁବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରମାକାନ୍ତ ମିଶ୍ରଙ୍କ ଦ୍ୱାରା ପରିବେଷିତ ନାଟକ 'ତୋଗଲକ୍'ର ଏକ ଦୃଶ୍ୟ।



ଦୁର୍ଗା ପୂଜା ଭସାଣିର ଦ୍ୱିତୀୟ ଦିବସ ଗୁରୁବାରରେ କଟକ ଗଙ୍ଗା ମନ୍ଦିର ପୂଜା କମିଟି ମେଢ଼ ଶୋଭାଯାତ୍ରାରେ ସାମିଲ୍ ହୋଇଥିବା ବାଘନୃତ୍ୟ।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ। -ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ବିଜେଡି ପଞ୍ଚାୟତ ସଭାପତିଙ୍କୁ ହତ୍ୟା ଧମକ

ଗୋପ, ୧୦।୧୦(ଡି.ଏନ୍.ଏ.): ଗୋପ ବ୍ଲକ୍ ଅଧୀନ କୁଆଁପଡ଼ା ଗ୍ରାମପଞ୍ଚାୟତ ବିଜେଡି ସଭାପତି ଋଷଭ ଦତ୍ତଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ହତ୍ୟା ଧମକ ଦିଆଯାଇଥିବା ନେଇ ଗୋପ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ୧୫୮/୧୯ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ କୁଆଁପଡ଼ା ପଞ୍ଚାୟତ ବିଜେଡି ସଭାପତି ଦତ୍ତଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି କୁଆଁପଡ଼ା ଗ୍ରାମର ଜଣେ ବ୍ୟକ୍ତି ଏକ ଖଣ୍ଡା ଧରି ଘର ସାମ୍ନାରେ ଠିଆ ହୋଇ ନାନାଦି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଆତଙ୍କ ସୃଷ୍ଟି କରିଥିଲା। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି।

### ନକଲି ପାନ ମସଲା ବିକ୍ରିକରି ଜେଲ ଗଲେ ଦୋକାନୀ

ବ୍ରହ୍ମଗିରି, ୧୦।୧୦(ଡି.ଏନ୍.ଏ.): ବ୍ରହ୍ମଗିରି ବଜାରରେ ନକଲି ପାନ ମସଲା ବିକ୍ରି କରୁଥିବା ଅଭିଯୋଗରେ ଜଣେ ବ୍ୟବସାୟୀ ଗୁରୁବାର ଜେଲ୍ ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବଜାରରେ ମନୋଜ କୁମାର ପାତ୍ର ବହୁଦିନ ଧରି ନକଲି ଜର୍ଦ୍ଦାପତି ବ୍ୟବସାୟ ଚଳାଇ ଆସୁଥିଲେ। କମ୍ପାନୀ ଏଜେଣ୍ଟଙ୍କ ଅଭିଯୋଗ ପାଇ ବୁଧବାର ପୋଲିସ ଚଢ଼ାଉ କରି ଜର୍ଦ୍ଦାପତି ଭର୍ତ୍ତି ଡବା ଜବତ କରିବା ସହ ତାଙ୍କୁ ଥାନାରେ ଅଟକ ରଖିଥିଲା। ପରେ ତାଙ୍କୁ ଗିରଫ କରିବା ସହ ୧୬୧/୧୯ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇଦିଆଯାଇଛି।

### ଟ୍ରାନ୍ସଫର୍ମରରୁ ତେଲ ଚୋରି ଅଭିଯୋଗ

ବ୍ରହ୍ମଗିରି, ୧୦।୧୦(ଡି.ଏନ୍.ଏ.): ପୁରୀ ସଦର ଥାନା ଅନ୍ତର୍ଗତ କେଶକେରା ଗ୍ରାମରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ କେତେକ ଦୁର୍ବୃତ୍ତ ଭାଙ୍ଗି ଏଥିରେ ଥିବା ତେଲ କାଢ଼ି ନେଇଛନ୍ତି। ଏନେଇ ଗ୍ରାମବାସୀ ସଦର ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏହି ଗ୍ରାମ ନିକଟରେ ଥିବା ଏକ ୧୦୦ କେଭିର ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ସ୍ଥାନୀୟ ୪ଟି ଗ୍ରାମର ଲୋକ ନିର୍ଭର କରନ୍ତି। କିନ୍ତୁ ଉକ୍ତ ଟ୍ରାନ୍ସଫର୍ମରରୁ ତେଲ ଚୋରି ହେବା ଫଳରେ ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି।

# ଦେବୀନଦୀ ସାଜିଛି ଦାନବୀ

- ଶହଶହ ଏକର ଚାଷଜମି ନଦୀ ଗର୍ଭରେ ଲୀନ
- ଦକ୍ଷିଣ ପାର୍ଶ୍ୱ କୂଳ ଖାଇ ଚାଲିଛି
- ନୀରବଦ୍ରଷ୍ଟା ସାଜିଛି ଜଳସେଚନ ବିଭାଗ

କାକଟପୁର, ୧୦।୧୦(ଡି.ଏନ୍.ଏ.)

ଦେବୀନଦୀ ମହାନଦୀରୁ ବାହାରି କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳଦେଇ ପ୍ରବାହିତ ହୋଇ ଶେଷରେ ନୂଆଗଡ଼ଠାରେ ସମୁଦ୍ରରେ ମିଶିଛି। ମହାନଦୀର ୬୦ପ୍ରତିଶତ ବନ୍ୟାଜଳ ପ୍ରତିବର୍ଷ ଦେବୀନଦୀ ଦେଇ ପ୍ରବାହିତ ହେଉଥିବା ଜଳସେଚନ ବିଭାଗ ଆକଳନ କରିଛି। କିଛି ବର୍ଷ ହେବ ଦେବୀନଦୀ କାକଟପୁର ବ୍ଲକର ବାଉରିଆକଣଠାରୁ ଅସ୍ତରଙ୍ଗ ବ୍ଲକର କାଳିଆକଣ ପର୍ଯ୍ୟନ୍ତ ପ୍ରାୟ ୯କିମି ଦକ୍ଷିଣ ପାର୍ଶ୍ୱ କୂଳ ଖାଇ ଖାଇ ଚାଲିଛି। ଫଳରେ ଉଭୟ ବ୍ଲକର ଶତାଧିକ ଚାଷୀଙ୍କ ଶହଶହ ଏକ ଚାଷ ଜମି ନଦୀଗର୍ଭକୁ ଚାଲିଯାଉଛି। ନଦୀରେ ବର୍ଷତମାମ ଜଳପୂର୍ଣ୍ଣ ରହୁଥିବାରୁ ଏଥିରୁ ମାଛଧରି ଏବଂ ଏହାର ପାଣିକୁ ଗ୍ରୀଷ୍ମଋତୁରେ ବିଲରେ ମଡ଼ାଇ ଭଲ ଫସଲ କରିଆସୁଥିଲୁ। ଏବେ କିନ୍ତୁ ଦେବୀ ଦାନବୀ ପାଲଟି ଯାଇଛି। ଦକ୍ଷିଣ ପାର୍ଶ୍ୱକୁ ମାଡ଼ିଆସି ଆମମାନଙ୍କ ଚାଷ ଜମିକୁ ତା' ଗର୍ଭରେ ଲୀନ କରି ଆମକୁ ସର୍ବସ୍ୱାନ୍ତ କରିସାରିଲାଣି ବୋଲି କହିଛନ୍ତି, ନଇଗୁଆଁର ଚାଷୀ ଭିକାରୀ ପ୍ରଧାନ।

ପ୍ରତିବର୍ଷ ବର୍ଷା ଋତୁରେ ହୀରାକୁଦ ଡ୍ୟାମରୁ ବନ୍ୟାଜଳ ନିଷ୍କାସିତ ହେଲେ ନଦୀରେ ବନ୍ୟା ଜଳ ବୃଦ୍ଧିପାଉଛି। ନଦୀ ମଝିରେ ସ୍ଥାନେସ୍ଥାନେ ବାଲି ଚଡ଼ା ସୃଷ୍ଟି ହୋଇ ନଦୀର ସ୍ରୋତ ଦକ୍ଷିଣଙ୍କୁ ମାଡ଼ିମାଡ଼ି ପ୍ରବାହିତ ହେଉଛି। ଷାଠିବୋଟି, ଓସିଆଁ, ନଇଗୁଆଁ, ଅସନ, ବରପଦା, ବାଲିଡିଆ, କାଳିଆକଣ, ନଗର, ପ୍ରଭୃତିସ୍ଥାନରେ ବନ୍ୟାଜଳ ବନ୍ଧକୁ ଲାଗି ପ୍ରବାହିତ ହେଉଛି। ଏବେଠାରୁ ଉପରୋକ୍ତ ସ୍ଥାନମାନଙ୍କରେ ସ୍ପର ନିର୍ମାଣ ସାଙ୍ଗକୁ ବନ୍ଧରେ ପଥର ପ୍ୟାକିଂ କରା ନ ଗଲେ ଦିନେନାଦିନେ ଏଠାରେ ଘାଇ ସୃଷ୍ଟି ହୋଇ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ବ୍ୟାପକ କ୍ଷତି ଘଟାଇବା ଆଶଙ୍କା ରହିଥିବା କହିଛନ୍ତି, କାଳିଆକଣ ଗ୍ରାମବାସୀ ଲକ୍ଷ୍ମଣ ବେହେରା ଓ ଦେଶବନ୍ଧୁ ବେହେରା। ଗତ ୧୨ତାରିଖରେ ବିଭାଗୀୟ ମନ୍ତ୍ରୀ ରଘୁନନ୍ଦନ ଦାସ ଦେବୀ ନଦୀ ବନ୍ଧ ପରିଦର୍ଶନ କରିବାକୁ ଆସିଥିବାବେଳେ ନଗର ପଞ୍ଚାୟତର ଶତାଧିକ ମତ୍ସ୍ୟଜୀବୀ ତାଙ୍କୁ କାଳିଆକଣଠାରେ ଅଟକାଇ ଦେବୀନଦୀ କିପରି ଦକ୍ଷିଣ ପାର୍ଶ୍ୱକୁ ଖାଇଆସୁଛି ତାହା ଦେଖାଇ ତୁରନ୍ତ ଏ ଦିଗରେ ପ୍ରତିକାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା କାଳିଆକଣ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା, ସମ୍ପଦ ବେହେରା ସୂଚନା ଦେବା ସହିତ କାଳିଆକଣ ଓ ବାଲିଡିଆଠାରେ ଏକାଧିକ ସ୍ପର ନିର୍ମାଣ ସାଙ୍ଗକୁ ନଦୀଶଯ୍ୟାରେ ସୃଷ୍ଟି ହୋଇଥିବା ବାଲିଚଡାକୁ ଖନନ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କାକଟପୁର ଜଳସେଚନ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ବିଶ୍ୱାଳଙ୍କୁ ପଚାରିବାରେ ବିଭାଗୀୟ ମନ୍ତ୍ରୀଙ୍କୁ ଏନେଇ ଅବଗତ କରାଯାଇ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବିଧାୟକ ତଥା କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଅନୁରୋଧ କରିଥିବା କହିଥିଲେ। ଖୁବ୍ ଶୀଘ୍ର ଏ ଦିଗରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ।



ଅସ୍ତରଙ୍ଗଠାରେ ଦେବୀ ନଦୀର ବନ୍ଧ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ପିଏଡିଟି ସଦସ୍ୟ ସଚିବ

- ଶ୍ରୀମନ୍ଦିର ପ୍ରଶାସନକୁ ଦେଲେ ଶାଳଗ୍ରାମ

ପୁରୀ ଅଫିସ, ୧୦।୧୦:

ନେପାଳସ୍ଥିତ ପଶୁପତିନାଥ ମନ୍ଦିର ପରିଚାଳନା କରୁଥିବା ପଶୁପତିନାଥ ଏରିଆ ଡେଭଲପମେଣ୍ଟ ଟ୍ରଷ୍ଟ (ପିଏଡିଟି)ର ସଦସ୍ୟ ସଚିବ ଡ. ପ୍ରଦୀପ ଢକାଲ ଗୁରୁବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଡ. ଢକାଲ ସିଂହଦ୍ୱାରରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହାପରେ ସେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ବୁଲି ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୧ଘଣ୍ଟା ଧରି ସେ ମନ୍ଦିରରେ ବିତାଇଥିଲେ। ଫେରିବା ବେଳେ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଶାଳଗ୍ରାମ ପ୍ରଦାନ କରିଥିଲେ। ଏଥିସହ ତାଙ୍କ ସହିତ ଥିବା ପ୍ରଶାସନିକ ଅଧିକାରୀଙ୍କୁ ରୁଦ୍ରାକ୍ଷ ମାଳ ଦେଇଥିଲେ। ସେ ଅଧିକାରୀଙ୍କଠାରୁ ଶ୍ରୀମନ୍ଦିର ପରିଚାଳନା ଓ ସେବାପୂଜା ସମ୍ପର୍କରେ ପଚାରି ବୁଝିବା ସହ ପଶୁପତିନାଥ ମନ୍ଦିରର ପରିଚାଳନା ବିଷୟରେ କହିଥିଲେ।



ସିଂହଦ୍ୱାର ସମ୍ମୁଖରେ ପିଏଡିଟିର ସଦସ୍ୟ ସଚିବ ଡ. ପ୍ରଦୀପ ଢକାଲ ଏବଂ ଅନ୍ୟମାନେ।

# ଗଛରେ ପିଟିହେଲା କାର୍: ୩ ପର୍ଯ୍ୟଟକ ଗୁରୁତର

ଗୋପ, ୧୦।୧୦(ଡି.ଏନ୍.ଏ.)

ଗୋପ-କୋଣାର୍କ ରାସ୍ତାର ବାଲିଆଣିମୁହାଁ ଛକ ନିକଟରେ ଗୁରୁବାର କୋଣାର୍କ ବୁଲି ଆସିଥିବା ପର୍ଯ୍ୟଟକଙ୍କ ଏକ କାର୍ ଭାରସାମ୍ୟ ହରାଇ ଗଛରେ ପିଟିହେବାରୁ ୩ଜଣ ପର୍ଯ୍ୟଟକ ଗୁରୁତର ହୋଇଥିବାବେଳେ ୨ସାମାନ୍ୟ ଆହତ ହୋଇଛନ୍ତି। ଭଦ୍ରକ ଗଣ୍ଡକୁରା ଗ୍ରାମର ଦୁଇ ପରିବାର ୨ଟି କାର୍‌ରେ କୋଣାର୍କ ବୁଲିବାକୁ ଆସୁଥିଲେ। ମାତ୍ର ଡ୍ରାଇଭରଙ୍କ ଅସାବଧାନତା ଯୋଗୁ କାର୍ ନଂ ଓଡି୨୨ଏଲ୍-୪୫୫୫ଟି ବାଲିଆଣିମୁହାଁ ଛକ ନିକଟରେ ରାସ୍ତାର ବାମ ପଟକୁ ଖସି ଯାଇ ଏକ ଗଛରେ ପିଟି ହୋଇଯାଇଥିଲା। ଗାଡ଼ିରେ ଥିବା ସନ୍ତୋଷ ନାୟକ, ଜଗନ୍ନାଥ ଦାସ ଓ ଶିଂଦିଶ୍ରୀ ନାୟକ ଗୁରୁତର ହୋଇପଡ଼ିଥିବାବେଳେ ସ୍ମୃତିରେଖା ବେହେରା, ଓମ୍ ପ୍ରକାଶ ନାୟକ, ଶୁଭଶ୍ରୀ ନାୟକ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ପର୍ଯ୍ୟଟକମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୩ଜଣ ଗୁରୁତରଙ୍କୁ କ୍ୟାପିଟାଲ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।





ଅଭିନେତା ଅମିତାଭ ବଚ୍ଚନଙ୍କ ଜନ୍ମ ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ଗୁରୁବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# କ୍ୟାବିନ୍ ତାଲା ଭାଙ୍ଗି ଚୋରି କରୁଥିବା ଯୁବକ ଗିରଫ

ଗୋପ, ୧୦।୧୦(ଡି.ଏନ୍.ଏ.)

ଗତ କେତେଦିନ ଧରି ଗୋପ ବଜାରର କ୍ୟାବିନ୍ ଭାଙ୍ଗି ଚୋରି କରୁଥିବା ଅଭିଯୁକ୍ତ ସାଇଁସାଇଁ ଗ୍ରାମର ରାକେଶ ବାରିକ(୨୨)ଙ୍କୁ ଗୋପ ପୋଲିସ ଗିରଫ କରିଥିବା ଜଣାପଡ଼ିଛି। ଏନେଇ ଗୋପ ଥାନାରେ ୧୫୯/୧୯ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ୬ ମାସ ଧରି ଗୋପ ବଜାର ସହିତ ଅନ୍ୟାନ୍ୟ ଛୋଟ ବଡ଼ ବଜାରଗୁଡ଼ିକରେ କ୍ୟାବିନ୍ ଭଙ୍ଗାଯାଇ ଚୋରି ହେଉଥିବା ଥାନାରେ ଅଭିଯୋଗମାନ ହୋଇଥିଲା। ବୁଧବାର ରାତିରେ ଥାନା ସମ୍ମୁଖରେ ଥିବା ସନ୍ତୋଷ କୁମାର ନାୟକଙ୍କ ଦୋକାନରୁ ଅଭିଯୁକ୍ତ ଜଣଙ୍କ ତାଲା ଭାଙ୍ଗି ଟଙ୍କା ସମେତ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲା। ଏନେଇ ସନ୍ତୋଷ ଗୋପ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ସାହୁ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତଙ୍କୁ ଧରିଆଣି ଥାନାରେ ପଚରାପଚରି କରିବା ପରେ ଘଟଣା ସମ୍ପର୍କରେ ଅଭିଯୁକ୍ତ ଜଣଙ୍କ ମାନି ଯାଇଥିଲେ। ପରେ ପୋଲିସ କେତେକ ଚୋରି ସାମଗ୍ରୀ ଉଦ୍ଧାର କରିଛି।

- ଆବାସ ଯୋଜନାରେ ବ୍ୟାପକ ଅନିୟମିତତା

# ଘର ନ ଥାଇ ହୋଇଛି ୧୫ରୁ ଊର୍ଦ୍ଧ୍ୱ ମିଥ୍ୟା ବିଲ୍

ଗୋପ, ୧୦।୧୦(ଡି.ଏନ୍.ଏ.)

ଆବାସ ଯୋଜନାରେ ଗୋପ ବ୍ଲକ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗରେ ବ୍ଲକ୍‌ରେ କାର୍ଯ୍ୟରତ ଜଣେ ଯନ୍ତ୍ରୀ ଚାକିରିରୁ ବହିଷ୍କୃତ ହୋଇଥିବାବେଳେ ଆଉ ଜଣେ ଯନ୍ତ୍ରୀ ନିଲମ୍ବିତ ହୋଇଥିଲେ। ଏହି ବ୍ଲକ୍ ଅଧୀନ ବୀରତୁଙ୍ଗ ପଞ୍ଚାୟତରେ ୧୫ରୁ ଅଧିକ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନ କରି ସେମାନଙ୍କ ନାମରେ ମିଥ୍ୟା ବିଲ୍ ହୋଇଥିବା ନେଇ ଭିଜିଲାନ୍ସ ବିଭାଗ, ଜିଲାପାଳ ଓ ଗୋପ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ଗୋପ ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ ଗୃହର ଫାଇଲ୍ ଏବେ ସୁଦ୍ଧା ମିଳୁ ନ ଥିବାବେଳେ ଏହି ଯୋଜନାଗୁଡ଼ିକରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗର ତଦନ୍ତ ଜାରି ରହିଛି। ବୀରତୁଙ୍ଗ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକଙ୍କ ସହିତ ଅନ୍ୟ କର୍ମଚାରୀମାନେ ଜାଣି ମଧ ଏପରି ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହି ହିତାଧିକାରୀମାନଙ୍କୁ ଗୃହ ଟଙ୍କା ମିଳିଯାଇଥିବାବେଳେ ନିର୍ମାଣାଧୀନ ଗୃହର ଚିହ୍ନବର୍ଣ୍ଣ ନ ଥିବା ଜଣାପଡ଼ିଛି। ବୀରତୁଙ୍ଗ ଗ୍ରାମପଞ୍ଚାୟତର ସାମାଜିକ କର୍ମୀ କୁନାଲ ରାମଚନ୍ଦ୍ର ମହାନ୍ତି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ୨୦୧୬-୧୭, ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ଏପରି ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଏପରି ଅଭିଯୋଗ ମୋ ନିକଟରେ ହୋଇଛି। ତଦନ୍ତ ପରେ ସତ୍ୟ ପଦାକୁ ଆସିବ ବୋଲି ସେ କହିଥିଲେ।

# ଅସୁରକ୍ଷିତ ସମୁଦ୍ର ସ୍ନାନ

## ନୀରବ ପ୍ରଶାସନ

- ବୁଡ଼ିଯାଉଥିବାବେଳେ ମହିଳା ଉଦ୍ଧାର

ପୁରୀ ଅଫିସ, ୧୦।୧୦

ଆସୁଛି ପର୍ଯ୍ୟଟନ ଋତୁ। ଧୀରେ ଧୀରେ ପୁରୀ ସହରରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପର୍ଯ୍ୟଟକମାନେ ବେଳାଭୂମିର ମଜା ନେବା ସହ ସମୁଦ୍ରସ୍ନାନ କରିଥାନ୍ତି। ତେବେ ସଚେତନତା ଅଭାବ ଏବଂ ଅସାବଧାନତା କାରଣରୁ ସମୁଦ୍ର ସ୍ନାନ ସମୟରେ ପର୍ଯ୍ୟଟକମାନେ ମୃତ୍ୟୁମୁଖରେ ପଡୁଛନ୍ତି। ପ୍ରତିବର୍ଷ ପୁରୀ ବେଳାଭୂମିରେ ଅଧିକ ୧୦୦ ଲାଇଫଗାର୍ଡ ବ୍ୟବସ୍ଥା ଲାଗି ପ୍ରଶାସନିକ ସ୍ତରରେ ଆଲୋଚନା ହେଉଥିଲେ ହେଁ ଏହା ସରକାରୀ କାଗଜକଲମରେ ସୀମିତ ରହିଛି। ଗୁରୁବାର ସମୁଦ୍ର ସ୍ନାନ ବେଳେ ବୁଡ଼ି ଯାଉଥିବା ଜଣେ ମହିଳାଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ସେ ହେଲେ ଭଦ୍ରକର ନିଳାବତୀ ସାହୁ (୩୬)। ସେ ଭୋର ସାଢେ ୬ଟା ସମୟରେ ପରିବାର ଲୋକଙ୍କ ସହ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ଲହଡ଼ି ମାଡ଼ରେ ଗଭୀରକୁ ଚାଲିଯାଇଥିଲେ। ତେବେ ପରିବାର ଲୋକଙ୍କ ଡାକ ଶୁଣି ସେଠାରେ ଥିବା ଲାଇଫଗାର୍ଡମାନେ ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରିଥିଲେ। ସୂଚନା ଅନୁଯାୟୀ, ବର୍ଷକୁ ହାରାହାରି ୧୫ରୁ ୨୦ ପର୍ଯ୍ୟଟକ ସମୁଦ୍ରସ୍ନାନ ବେଳେ ପ୍ରାଣ ହରାଉଛନ୍ତି। ଗତ ୧୦ବର୍ଷ ମଧ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ମୃତ୍ୟୁବରଣ କରିଥିବାବେଳେ ଦେଢ଼ ହଜାରରୁ ଅଧିକ ପର୍ଯ୍ୟଟକ ଆହତ ହୋଇଥିବା ଜଣାପଡ଼ିଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରୁ ଷ୍ଟର୍ଲିନ୍ ପର୍ଯ୍ୟନ୍ତ ୮କିମି ବ୍ୟାପୀ ରହିଛି ପୁରୀ ସମୁଦ୍ର। ସମୁଦ୍ର ସ୍ନାନ ଲାଗି ପ୍ରଶାସନ ପକ୍ଷରୁ ୩ଟି ଜୋନ କରାଯାଇଛି। ପୁରୀ ବେଳାଭୂମିରେ ଅଗ୍ନିଶମ ବିଭାଗ ଅଧୀନରେ ୧୦୦ଜଣ ଲାଇଫଗାର୍ଡ ୧.୫ କିମି ଅଞ୍ଚଳରେ ମୁତୟନ ରହୁଛନ୍ତି। ୩ଟି ଲିଫ୍ଟରେ ଲାଇଫଗାର୍ଡମାନେ ଦିଗବାରେଣୀଠାରୁ ଲାଇଟହାଉସ ପର୍ଯ୍ୟନ୍ତ ଡ୍ୟୁଟି କରୁଛନ୍ତି। ଅବଶିଷ୍ଟ ୬.୫ କି.ମି ଅଞ୍ଚଳ ମୁକୁଳା ପଡ଼ିଛି। କେତେକ ସ୍ଥାନରେ ଘରୋଇ ଲାଇଫଗାର୍ଡ ଅଛନ୍ତି। ଏ ନେଇ ପର୍ଯ୍ୟଟନ ବିଭାଗର ସହନିର୍ଦ୍ଦେଶକ ବିଜୟ ଜେନା କହିଛନ୍ତି, ସମୁଦ୍ର ସ୍ନାନ ଲାଗି ବିଭିନ୍ନ ସ୍ଥାନରେ ଓଡ଼ିଆ, ଇଂଲିଶ, ହିନ୍ଦୀ ଆଦି ଭାଷାରେ ସଚେତନତା ଫଳକ ଲଗାଯାଇଛି। ସମୁଦ୍ର ଅଶାନ୍ତ ଥିବା ସମୟରେ ପର୍ଯ୍ୟଟକଙ୍କୁ ସମୁଦ୍ର ଗଭୀରକୁ ନ ଯିବା ଲାଗି ସଚେତନ କରାଯାଉଛି। ସେହିପରି ବେଳାଭୂମି ଦାୟିତ୍ୱରେ ଥିବା ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲିକ କହିଛନ୍ତି, ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ୧.୫ କିମି ଅଞ୍ଚଳକୁ ୧୪ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏଠାରେ ଲାଇଫଗାର୍ଡମାନେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ମୁତୟନ ରହୁଛନ୍ତି।



- ଶିଳ୍ପୀଗୁରୁ ଜଗନ୍ନାଥ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

# କଳା ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ଆହ୍ୱାନ

ସାକ୍ଷୀଗୋପାଳ, ୧୦।୧୦(ଡି.ଏନ୍.ଏ.)

ପୁରୀ ଜିଲା ଐତିହ୍ୟ ଗ୍ରାମ ରଘୁରାଜପୁରରେ ପଟ୍ଟଚିତ୍ର ଶିଳ୍ପୀଗୁରୁ ଡ.ଜଗନ୍ନାଥ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଶତବାର୍ଷିକ ଜୟନ୍ତୀ ସମାରୋହ ଭୁଆସୁଣୀ ମଣ୍ଡପରେ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଜେଡି ସଂସ୍କୃତି ସମନ୍ୱୟ ସମିତିର ରାଜ୍ୟ ସଭାପତି ପ୍ରବୀର ମହାନ୍ତି ଯୋଗଦେଇ ଶିଳ୍ପୀକୁଳର ପରିଚୟ ପାରମ୍ପରିକ କଳା ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ଉପସ୍ଥିତ ଯୁବଶିଳ୍ପୀଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱର୍ଗତ ଜଗନ୍ନାଥ ମହାପାତ୍ର କେବଳ ଜଣେ ପଟ୍ଟଚିତ୍ର ଶିଳ୍ପୀ ନ ଥିଲେ, ସେ ଏକାଧାରରେ ଜଣେ ନୃତ୍ୟଶିଳ୍ପୀ ଓ ନାଟ୍ୟ ନିର୍ଦ୍ଦେଶକ ଭାବରେ ଶିଳ୍ପୀ ଜଗତର ଗୌରବ ଆଣିଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ଅବହେଳିତ ଅବସ୍ଥାରେ ରହୁଥିବା ବର୍ଷିୟାନ ଶିଳ୍ପୀମାନଙ୍କର ଚିକିତ୍ସା ସହାୟତା ନିମନ୍ତେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପାରମ୍ପରିକ କଳାକୃତି ପ୍ରତି ଯୁବଶିଳ୍ପୀ ମାନଙ୍କୁ ଆକୃଷ୍ଟ କରିବାକୁ ରଘୁରାଜପୁରରେ ଏକାଡେମୀ ପକ୍ଷରୁ ପ୍ରଶିକ୍ଷଣ ଶିବିର ସହିତ ପୂର୍ବଜମାନଙ୍କର ଚିତ୍ରକଳା ପ୍ରଦର୍ଶନୀ କରିବାକୁ ସେ ଗୁରୁତ୍ୱ ଦେଇଥିଲେ।

ସମ୍ମାନିତ ଅତିଥି ପଦ୍ମଶ୍ରୀ ପ୍ରଭାକର ମହାରଣା କୋଣାର୍କ ବେଳାମାର୍ଗକୁ ଧର୍ମପଦ ମାର୍ଗ ନାମରେ ନାମିତ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ପଥର ଶିଳ୍ପୀମାନଙ୍କ ପାଇଁ କଞ୍ଚାମାଲର ଅଭାବ ଚିନ୍ତାର କାରଣ ହୋଇଛି ବୋଲି କହିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସମିତିର ରାଜ୍ୟ ପରିଷଦ ସଭ୍ୟା ପୁଷ୍ପାରାଣୀ ପରିଡା, ପୁରୀ ଡିଆଇସିର ସାଧାରଣ ପରିଚାଳକ ଟି.ବଦ୍ରିନାରାୟଣ, ମାଳତିପାଟପୁର ସରପଞ୍ଚ ପୁଷ୍ପାରାଣୀ ପୃଷ୍ଟି, ଉତ୍ସବ କମିଟିର ପରାମର୍ଶଦାତା ଭଗବାନ ସ୍ୱାଇଁ, ଗ୍ରାମ କୋଠ ସଭାପତି ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଅତିଥି ଶିଳ୍ପୀଗୁରୁଙ୍କ କର୍ତ୍ତବ୍ୟନିଷ୍ଠ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଳ୍ପୀଗୁରୁ ଡ. ଜଗନ୍ନାଥ ମହାପାତ୍ର ସ୍ମୃତି ସମ୍ମାନରେ ବର୍ଷୀୟାନ ଗୋଟିପୁଅ, ଓଡ଼ିଶୀ ନୃତ୍ୟଗୁରୁ, ପଟ୍ଟଚିତ୍ର, ପଥରଶିଳ୍ପୀ, ଶାମୁକା ଶିଳ୍ପୀ, ସଂକୀର୍ତ୍ତନ ଗୁରୁ ଓ ଖବରଦାତାମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ, ଗୋଟିପୁଅ ଓ ସଂକୀର୍ତ୍ତନ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଓଡ଼ିଶା ଲଳିତକଳା ଏକାଡେମୀ ଓ ରଘୁରାଜପୁର ହେରିଟେଜ ଆଣ୍ଡ ଟୁରିଜମ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଆବାହକ ସୁଦର୍ଶନ ସ୍ୱାଇଁ ପରିଚାଳନା କରିଥିବା ବେଳେ ସମ୍ପାଦକ ଆକାଶ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ଅତିଥିମାନେ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍



## ସଂକ୍ଷେପରେ

### ଧଉଳି ଏକ୍ସପ୍ରେସରୁ ବୁଲା ବିକାଳି ଗିରଫ

#### ଟୁଇଟରରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ): ପୁରୀ-ହାଓଡ଼ା ଧଉଳି ଏକ୍ସପ୍ରେସରେ ମଙ୍ଗଳବାର ନିରଞ୍ଜନ ନାମକ ଜଣେ ବୁଲା ବିକାଳିଙ୍କୁ ଗିରଫ କରାଯାଇଛି। ଏକ ଟୁଇଟର ଅଭିଯୋଗକୁ ଭିତ୍ତିକରି ଆର୍‌ପିଏଫ୍ ମାତ୍ର କିଛି ମିନିଟ୍‌ରେ ପଦକ୍ଷେପ ଗ୍ରହଣ କରିଛି। ନିରଞ୍ଜନ ଏକ ବାଲ୍‌ଟିରେ ଚଣା ଧରି ଚଣା ବିକ୍ରି କରୁଥିଲେ। ଖୋର୍ଦ୍ଧାରୋଡ୍ ଷ୍ଟେଶନରୁ ସେ ଉକ୍ତ ଟ୍ରେନ୍‌ରେ ଉଠିଥିଲେ। ଜଣେ ଯାତ୍ରୀ ଏହାର ଏକ ଭିଡିଓ ଉତ୍ତୋଳନ କରି ରେଳ ମନ୍ତ୍ରଣାଳୟକୁ ଟୁଇଟ୍ କରିଥିଲେ। ଟୁଇଟ୍‌ର ୧୮ ମିନିଟ ମଧ୍ୟରେ ଆର୍‌ପିଏଫ ଆଇଜି ଘଟଣାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ କରାଇବା ସହ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆର୍‌ପିଏଫ୍ ଭୁବନେଶ୍ୱରର ଏକ ଟିମ୍ ଭୁବନେଶ୍ୱର ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ.୧ରେ ଟ୍ରେନ୍‌ରୁ ଓହ୍ଲାଇଥିବା ନିରଞ୍ଜନଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଖୋର୍ଦ୍ଧାରୋଡ୍ ଆରପିଏଫ ଆଇଆଇସିଙ୍କୁ ରିପୋର୍ଟ ତଲବ କରାଯାଇଛି। ଫେରିବାଲା ବିକ୍ରିକୁ ବେଆଇନ ଘୋଷଣା କରାଯାଇଥିଲେ ବି ଖୋର୍ଦ୍ଧାରୋଡ ଅଞ୍ଚଳରେ ବୁଲା ବିକାଳି ସକ୍ରିୟ ରହୁଛନ୍ତି। ଏହାକୁ କାହିଁକି ରୋକାଯାଇପାରୁନି ସେସଂକ୍ରାନ୍ତରେ ଆଇଜି ରିପୋର୍ଟ ମାଗିଛନ୍ତି।

### ଲୁଟ୍ ସୁନା ଲକେଟ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ): ଶହୀଦନଗର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ଲୁଟ୍ ହୋଇଥିବା ସୁନା ଲକେଟ ପୋଲିସ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ କଲରାପାଟ ବସ୍ତି ଅଞ୍ଚଳର ଦୀପଙ୍କର କାଲୁ ଓରଫ ହନୁ। ସୂଚନା ମୁତାବକ, ଲୁଟ୍‌ର ଶିକାର ମହିଳା ଜଣକ ହେଲେ ଉକ୍ତ ବସ୍ତି ଅଞ୍ଚଳରେ ରହୁଥିବା ଜୋତ୍ସ୍ନାରାଣୀ ଜେନା। ବୁଧବାର ସକାଳେ ସେ ଘର ନିକଟ ଦୋକାନକୁ ଯାଉଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କ ବେକରୁ ସୁନା ଲକେଟ ଛିଣ୍ଡାଇ ନେଇଥିଲେ। ଅଭିଯୋଗ ପରେ ପୋଲିସ ୫୦୭/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ସୁନା ଲକେଟ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

### ଗ୍ରାମ ମୁରବିଙ୍କ ବିୟୋଗ

ବାରଙ୍ଗ, ୧୦।୧୦(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ରଘୁନାଥପୁର ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ହୃଦାନନ୍ଦ ରାଉତଙ୍କର ବୁଧବାର ରାତିରେ ବିୟୋଗ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ଗତ କିଛିଦିନ ହେବ ସେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ବୁଧବାର ରାତିରେ ମୃତ୍ୟୁବରଣ କରିଛନ୍ତି। ଗୁରୁବାର ତାଙ୍କ ମରଶରୀର ରଘୁନାଥପୁରକୁ ଆସିବା ପରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଆଖପାଖ ଗ୍ରାମର ମୁରବି ତଥା ଲୋକପ୍ରତିନିଧିମାନେ ଆସି ଶେଷଦର୍ଶନ କରିଥିଲେ। ସେ ବାରଙ୍ଗ ଅଞ୍ଚଳର ପୁରୁଖା ମୁରବି ଥିବାବେଳେ ଧର୍ମପ୍ରାଣ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ବାରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ପ୍ରଥମେ ରଘୁନାଥପୁର ଗ୍ରାମ ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ସାଇ ମନ୍ଦିରରେ ଦଶହରା ମହୋତ୍ସବ

ବାଲିଅନ୍ତା,୧୦।୧୦(ଡି.ଏନ୍.ଏ): ବାଲିଅନ୍ତା ବଂଶୀବିହାରସ୍ଥିତ ସାଇ ମନ୍ଦିରରେ ମଙ୍ଗଳବାର ଦଶହରା ମହୋତ୍ସବ ପାଳିତ ହୋଇଯାଇଛି। ଭୋର ୫ଟାରେ କାକଡ଼ ଆଳତି ପରେ ବାଲିଅନ୍ତା ସାଇଫନ ଛକସ୍ଥିତ କୁଶଭଦ୍ରା ନଦୀରୁ କଳସ ଯାତ୍ରା ବାହାରି ମନ୍ଦିରରେ ପହଞ୍ଚିଥିଲା। କଳସ ସ୍ଥାପନ ପରେ ସାଇବାବାଙ୍କ ମହାଅଭିଷେକ କରାଯାଇଥିଲା। ଦଶହରା ମହୋତ୍ସବ ଅବସରରେ ମନ୍ଦିର ପରିସରରେ ପାରାୟଣ, ଯଜ୍ଞ, ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ସାଇସେବା ସଦନର ସଭାପତି ନିରଞ୍ଜନ ରଣାଙ୍କ ତତ୍ତ୍ୱାବଧାନରେ ସମସ୍ତ ସଭ୍ୟ ପରିଚାଳନା କରିଥିଲେ।

# ଦୋକାନୀଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିଲେ

## ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର,୧୦।୧୦(ବ୍ୟୁରୋ): ଜମିବାଡି ବିବାଦକୁ କେନ୍ଦ୍ରକରି ଜଣେ ଦୋକାନୀଙ୍କୁ ୩ ଜଣ ଯୁବକ ଗୋଡାଇ ଖଣ୍ଡା ଓ କଟୁରିରେ ହାଣିଛନ୍ତି। ଫଳରେ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ହାତ, ଗୋଡ ଓ ପିଠିରେ ଗଭୀର ଆଘାତ ଲାଗିଛି। ଏହି ଘଟଣା ଖଣ୍ଡଗିରି ଥାନା ବରମୁଣ୍ଡାରେ ଘଟିଛି। ଆହତ ହୋଇଥିବା ଦୋକାନୀ ହେଲେ ବରମୁଣ୍ଡାର ଜ୍ୟୋତି ରଞ୍ଜନ ସ୍ୱାଇଁ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଆହତ ହୋଇଥିବା ଜ୍ୟୋତି ରଞ୍ଜନ ଓ ଆକ୍ରମଣ କରିଥିବା ଯୁବକ ଜଣଙ୍କ ସମ୍ପର୍କୀୟ। ସେମାନଙ୍କ ମଧ୍ୟରେ ଜମିବାଡି ବିବାଦକୁ ନେଇ ପୂର୍ବରୁ ଶତ୍ରୁତା ରହିଥିଲା। ଜ୍ୟୋତି ରଞ୍ଜନ ବରମୁଣ୍ଡାରେ ଏକ ଭେରାଇଟ୍ ଦୋକାନ କରିଛନ୍ତି। ସବୁଦିନ ପରି ଗୁରୁବାର ମଧ୍ୟାହ୍ନ ୧୨ଟାରେ ଦୋକାନରେ ଥିବା ସମୟରେ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ଦୁଇଜଣ ସହଯୋଗ ଖଣ୍ଡ, କଟୁରି ଏବଂ ଭୁଜାଲି ଧରି ଦୋକାନ ଭିତରକୁ ପଶିଥିଲେ। ସେଠାରେ ଭଙ୍ଗାରୁଜା କରିବା ସହ ଜ୍ୟୋତି ରଞ୍ଜନଙ୍କୁ ହାଣିଥିଲେ। ଏପରିକି ଜୀବନ ବଞ୍ଚାଇବାକୁ ଜ୍ୟୋତି ଏଣେତେଣେ ଦୌଡିଥିଲେ ମଧ୍ୟ ସେମାନେ ତାଙ୍କୁ ଛାଡି ନ ଥିଲେ। ତାଙ୍କ ଗୋଡ, ହାତ ଓ ପିଠିକୁ ହାଣି ଚାଲିଥିଲେ। ଦୋକାନ ନିକଟରେ ଥିବା ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଆସିବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ନେଇ ଜ୍ୟୋତି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।



ଭୁବନେଶ୍ୱର ସୂଚନାଭବନଠାରେ ଗୁରୁବାର ଗୁରୁ ଗୋପୀକୃଷ୍ଣଙ୍କ ୮୯ତମ ଜୟନ୍ତୀରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ଗୁରୁ ଗୋପୀକୃଷ୍ଣଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଗୁରୁ ଗୋପୀକୃଷ୍ଣ ବେହେରା ଫାଉଣ୍ଡେଶନ ଓ ନୃତ୍ୟାଳୟ ଆନୁକୂଲ୍ୟରେ ଗୋପୀକୃଷ୍ଣଙ୍କ ୮୯ତମ ଜୟନ୍ତୀ ଗୁରୁବାର ସୂଚନା ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟ, ସଙ୍ଗୀତ, ପଲ୍ଲୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଅଭିନୟ ଓ ଯାତ୍ରା ଡୁଏଟ ପରିବେଷିତ ହୋଇଥିଲା। ଗୁରୁ ରାମହରି ଦାସ, ନିମାକାନ୍ତ ରାଉତରାୟ, କେଶବ ରାଉତ, ସଙ୍ଗୀତା ଗୋସାଇଁ, କବିତା, ଅନିମା ପ୍ରମୁଖ ଗୋପୀକୃଷ୍ଣଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଭୁବନେଶ୍ୱରର ନୃତ୍ୟାଳୟ, ନୁପୁର, ଚିନ୍ମୟୀ କ୍ଲାସିକ, ବାଙ୍କିର ଉଦୟ ସୂର୍ଯ୍ୟ, ପୁରୀ ବୀଣାକେଶରୀ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଗୋପୀକୃଷ୍ଣଙ୍କ ରଚିତ ଓ ନିର୍ଦ୍ଦେଶିତ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ପୂର୍ବତନ ପ୍ରଶାସକ ଅଶୋକ ତ୍ରିପାଠୀ, ପିପିଏଲ ଅଧିକାରୀ ସୁଧୀର ମିଶ୍ର, ଲାଲା ବୀରେନ ରାୟ, ଗୁରୁ ସନାତନ ସ୍ୱାଇଁ, ଗୁରୁ ନିରଞ୍ଜନ ରାଉତ, ଗୁରୁ ନିତ୍ୟାନନ୍ଦ ଦାସ, ଶଙ୍କର ତ୍ରିପାଠୀ, ଭରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଫାଉଣ୍ଡେଶନ ସଭାପତି ଧନେଶ୍ୱର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଗୟାଧର ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ମୋବାଇଲ ଲୁଟେରାଙ୍କୁ କାବୁକରି ପିଟିଲେ ୨ ଯୁବତୀ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ମୋବାଇଲ୍ ଲୁଟି ନେଇ ଫେରାର ହେବାକୁ ଉଦ୍ୟମ କରୁଥିବା ଜଣେ ଲୁଟେରାଙ୍କୁ କାବୁ କରି ନିର୍ଘାତ ୨ ଯୁବତୀ ପିଟିଛନ୍ତି। ଏଭଳି ଘଟଣା ନୟାପଲ୍ଲୀ ଥାନା ମଇଳାଟାଙ୍କି ଛକରେ ଦେଖିବାକୁ ମିଳିଛି। ଏପରିକି ପୋଲିସ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହାସହ ଲୁଟ୍ ମୋବାଇଲ୍‌କୁ ପୋଲିସ ଜବତ କରିଛି। ଏ ନେଇ ଯୁବତୀ ଜଣଙ୍କ କୌଣସି ଅଭିଯୋଗ କରି ନ ଥିବା ପୋଲିସ କହିଛି। ଅଟକ ଯୁବକ ଜଣେ ପେଶାଦାର ଲୁଟେରା ବୋଲି ତଦନ୍ତରୁ ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ଦୁଇ ଯୁବତୀ ମଇଳାଟାଙ୍କି ଦେଇ ଯାଉଥିବା ବେଳେ ଜଣେ ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କଠାରୁ ମୋବାଇଲ୍ ଲୁଟି ନେଇଥିଲେ। ହେଲେ ଦୁଇ ଯୁବତୀ ଲୁଟେରାଙ୍କୁ ଗୋଡାଇ କାବୁ କରି ନିର୍ଘାତ ଛେଚିଥିଲେ। ଏପରି କି ଲୁଟେରାଙ୍କୁ ସ୍ଥାନୀୟ ଲୋକେ ମଧ୍ୟ ମାଡ ମାରିଥିଲେ।

### ବିପଦସଙ୍କୁଳ ଭାବେ ରେଳ ଧାରଣାରେ ବାଇକ୍ ଚାଳନା

# ଧକ୍କାଦେଲା ଟ୍ରେନ୍, ଟଳିଲା ବଡ଼ ଦୁର୍ଘଟଣା

## ବାଇକ୍ ଚାଳକ ଗିରଫ

ଜଟଣୀ,୧୦।୧୦(ଡି.ଏନ.ଏ.)

ରେଳ ଧାରଣା ଯାଇଥିବା ବ୍ରିଜ୍ ଉପରେ ବାଇକ୍ ଚଳାଇ ନେଉଥିବା ଜଣେ ବ୍ୟକ୍ତି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହାଛଡ଼ା ବଡ଼ ଧରଣର ଟ୍ରେନ୍ ଦୁର୍ଘଟଣା ଏଡାଇ ହୋଇଯାଇଛି। ସୌଭାଗ୍ୟକୁ କୌଣସି ଅଘଟଣ ଘଟି ନ ଥିଲା। ନିଜର ଓ ଶତାଧିକ ଟ୍ରେନ୍‌ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବା ଜାଣି ରେଳ ଧାରଣା ଉପରେ ବାଇକ୍ ନେଇ ଯାଉଥିବା ଚାଳକଙ୍କୁ ଖୋର୍ଦ୍ଧାରୋଡ଼ ଆର୍‌ପିଏଫ୍ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ବାଇକ୍ ଚାଳକଙ୍କ ନାମ ନବଘନ ସାହୁ। ଡେଲାଙ୍ଗ ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ତାଙ୍କ ଘର। ପୁରୀ ସେକ୍ସନ୍‌ର ମୋଟରି ଓ ହରିପୁର ଷ୍ଟେଶନ ମଧ୍ୟବର୍ତ୍ତୀ ଅରାଗଡ଼ ଜୋର ଉପରେ ଥିବା ରେଳ ବ୍ରିଜ୍‌ରେ ମଙ୍ଗଳବାର ରାତିରେ ଏହା ଘଟିଥିଲା। ଘରୁ ନବ ବାଇକ୍ ନେଇ ରେଳ ଧାରଣା ପାର୍ଶ୍ୱରେ ଥିବା ମାତ୍ର ଦୁଇଫୁଟ ଓସାରର ସଂକୁଚିତ ସ୍ଥାନ ଦେଇ ଯାଉଥିବା ବେଳେ ପୁରୀ–ହାଓଡା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଦ୍ରୁତଗତିରେ ମାଡ଼ି ଆସିଥିଲା। ଅନ୍ୟ ଉପାୟ ନ ପାଇ ରେଳ ଧାରଣାରେ ବାଇକ୍ ଛାଡ଼ି ନବଘନ ବ୍ରିଜ ତଳକୁ ଡେଇଁ ପଡ଼ିଥିଲେ। ଟ୍ରେନ୍‌ଟି ବାଇକ୍‌ଟିକୁ ଧକ୍କା ଦେବା ସହ କିଛିବାଟ ଘୋଷାରି ନେଇଥିଲା। ଫଳରେ ଟ୍ରେନ୍ ଅଟକି ରହି ଏକ ଘଣ୍ଟା ବିଳମ୍ବରେ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ଖବରପାଇ ଆର୍‌ପିଏଫ୍ ତଦନ୍ତ ଆରମ୍ଭ କରି ବାଇକ୍‌ର କିଛି ଭଗ୍ନାଂଶ ଘଟଣାସ୍ଥଳରୁ ପାଇବା ସହ ଚାଳକ ନବଘନକୁ ଧରିଥିଲା। ଅଭିଯୁକ୍ତଙ୍କ ବୟାନକୁ ଆଧାର କରି ଲୁଚାଇ ରଖିଥିବା ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଏକ ସ୍ଥାନରୁ ଆର୍‌ପିଏଫ୍ ଜବତ କରିଥିଲେ। ଏପରି ବିପଦସଙ୍କୁଳ ଭାବେ ରେଳ ଧାରଣା ଉପରେ କୌଣସି ଯାନବାହନ ଚଳାଚଳ ନ କରିବା ପାଇଁ ବାରମ୍ବାର ରେଳପଥ ପକ୍ଷରୁ ସଚେତନ କରାଯାଉଥିଲେ ମଧ୍ୟ କେତେଜଣ ବ୍ୟକ୍ତି ଏପରି କାର୍ଯ୍ୟ କରି ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଆର୍‌ପିଏଫ୍ ଇନ୍ସପେକ୍ଟର ବି.ଡି. ବାରିକ କହିଛନ୍ତି। ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଉଥିବା ସେ କହିଛନ୍ତି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

### ବିପୁଳ ବିସ୍ଫୋରକ ଜବତ, ଜଣେ ଗିରଫ

ଖୋର୍ଦ୍ଧା ଅଫିସ, ୧୦।୧୦

ଖୋର୍ଦ୍ଧା ଜିଲା ଲିଖନପୁର ଗାଁରୁ ବାଘମାରୀ ଥାନା ପୋଲିସ ଲକ୍ଷାଧିକ ଟଙ୍କାର ବାଣ ତିଆରି ଉପକରଣ ଗୁରୁବାର ପୂର୍ବାହ୍ନରେ ଜବତ କରିଛି। ଏହି ଗାଁରୁ ବାରୁଦ ୯ କିଗ୍ରା, ମେଟାଲ ପାଉଡର ୧୧ କିଗ୍ରା ୪୦୫ ଗ୍ରାମ, ଧଳା ରଙ୍ଗର ନାଇଟ୍ରୋଜେନ୍ ୫ କିଗ୍ରା ୫୪୫ ଗ୍ରାମ ଜବତ କରିଛି। ସେହିପରି ପେପର ପାଇପ ୨୩ଟି, ୭ ବଣ୍ଡଲ ପେପର ଷ୍ଟ୍ର ଅନୁରୂପ ଭାବେ ଜବତ ହୋଇଛି। ବେଆଇନ ବାଣ ତିଆରି ଅଭିଯୋଗରେ ଲେଖନପୁର ଗାଁର ଗୌରାଙ୍ଗ ପଟ୍ଟନାୟକ(୫୫)ଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଗୌରାଙ୍ଗଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୋଲିସ ନଂ. ୫୦/୧୯ରେ ମାମଲା ରୁଜୁକରି ପ୍ରତି ବିସ୍ଫୋରକ ସାମଗ୍ରୀର ୨୫୦ ଗ୍ରାମ ସାମ୍ପୁଲ ଜବତ କରି ଭୁବନେଶ୍ୱର ରାସାୟନିକ ପରୀକ୍ଷାଗାରକୁ ପରୀକ୍ଷଣ ପାଇଁ ପଠାଇବ ବୋଲି ସୂଚନା ଦେଇଛି।

### ଗ୍ରୀଲ୍ ଭାଙ୍ଗି ସୁନା ଅଳଙ୍କାର, ଲାପ୍‌ଟପ୍ ଚୋରି

କଟକ ରୋଡ,୧୦।୧୦(ଡି.ଏନ୍.ଏ)

ବଡ଼ଗଡ଼ ଥାନା ଅଧୀନ ବିଜେବି ନଗର ଅଞ୍ଚଳରେ ରହୁଥିବା ସୌମ୍ୟରଞ୍ଜନ ପୃଷ୍ଟିଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ୪ଦିନ ହେବ ସୌମ୍ୟରଞ୍ଜନ ପରିବାର ସହ ତାଙ୍କ ଗ୍ରାମକୁ ଯାଇଥିଲେ। ବୁଧବାର ରାତିରେ ସେ ବିଜେବି ନଗରରେ ରହୁଥିବା ଘରେ ପହଞ୍ଚିବା ପରେ ଗ୍ରୀଲ ଭାଙ୍ଗି ତାଙ୍କ ଘରୁ କେହି ଦୁର୍ବୃତ୍ତ ଚୋରି କରିଥିବା ଜାଣିବାକୁ ପାଇଥିଲେ। ଦୁଇ ହଳ କାନ ଫୁଲ, ଗୋଟିଏ ଲାପଟପ ଓ କେତୋଟି ପେନଡ୍ରାଇଭ ଚୋରି ହୋଇଥିବା ନେଇ ସୌମ୍ୟରଞ୍ଜନ ଏତଲାରେ ଦର୍ଶାଇଥିବା ପୋଲିସ କହିଛି। ଗୁରୁବାର ସକାଳେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଉତ୍କଳମଣି ଜୟନ୍ତୀ

ବାଲକାଟି,୧୦।୧୦(ଡି.ଏନ୍.ଏ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ବାଲିଅନ୍ତା ବ୍ଲକ ଯଶୁଆପୁର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯଶୁଆପୁର ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ପରିଷଦ ପ୍ରତିଷ୍ଠାତା ରଞ୍ଜନ ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ଯୋଗଦେଇ ସ୍କୁଲ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟ ବକ୍ତାଭାବେ ଦୀନବନ୍ଧୁ ଭୋଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ନାୟକ ପରିଚାଳନା କରିଥିଲେ।

### ଅସ୍ଥାୟୀ ବିସର୍ଜନ ପୋଖରୀରେ କୁଢ଼ କୁଢ଼ ପଲିଥିନ

# ପ୍ଲାଷ୍ଟିକ ବର୍ଜନ ପାଣିର ଗାର



ଅସ୍ଥାୟୀ ପୋଖରୀରେ ପଡିଥିବା ପଲିଥିନ।

ପୁରୁଣା ଭୁବନେଶ୍ୱର, ୧୦।୧୦ (ଡି.ଏନ.ଏ.)

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ୍ ଓ ପଲିଥିନ ବର୍ଜନକୁ ସମର୍ଥନ କରି ଚଳିତବର୍ଷ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ସମର୍ଥନ ଜଣାଇଥିଲେ। ପାର୍ବଣ ଅବସରରେ ପୂଜା ମଣ୍ଡପ କର୍ମକର୍ତ୍ତାମାନେ ପ୍ଲାଷ୍ଟିକ୍ ଓ ପଲିଥିନ୍ ବଦଳରେ ପାରମ୍ପରିକ ବାଉଁଶ ନିର୍ମିତ ଡ଼ାଲା ଓ ବାଉଁଶିଆ ବ୍ୟବହାର ଉପରେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ମାତ୍ର ବିସର୍ଜନ ସମୟରେ ଅସ୍ଥାୟୀ ପୋଖରୀରେ କୁଢ କୁଢ ପ୍ଲାଷ୍ଟିକ ବୋତଲ, ଗ୍ଲାସ ଓ ପଲିଥିନ୍ ଦେଖିଲେ ଏସବୁ ପାର୍ବଣ ସମୟରେ ବାହୁସ୍ଫୋଟ ମାରିଲା ଭଳି ଜଣାପଡ଼ିଥିଲା। ବିସର୍ଜନ ସମୟରେ ରାସ୍ତାଘାଟ ସବୁଆଡ଼େ ପଲିଥିନ୍ ଓ ପ୍ଲାଷ୍ଟିକ ବୋତଲ ଏଣେତେଣେ ପଡିଥିବାର ଦେଖାଯାଇଥିଲା। ଲୋକଙ୍କ ମତରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ସହ ମୂର୍ତ୍ତିଗୁଡ଼ିକରେ ବ୍ୟବହୃତ ହୋଇଥିବା ବିଭିନ୍ନ କେମିକାଲ କାରଣରୁ ବର୍ତ୍ତମାନ ଦୟାନଦୀ ବିସର୍ଜନ ଘାଟ କୂଳ ପ୍ରଦୂଷିତ ହେବାରେ ଲାଗିଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ଅସ୍ଥାୟୀ ପୋଖରୀରୁ ଏହିସବୁ ପ୍ଲାଷ୍ଟିକ୍, ପଲିଥିନ୍ ସହ କେମିକାଲ ମିଶ୍ରିତ ଜଳ କିଭଳି ମୁଖ୍ୟନଦୀରେ ନ ମିଶିବ ଏଥିପ୍ରତି ନଦୀ କୂଳ ବାସିନ୍ଦା ଦାବି କରିଛନ୍ତି।

# ଖୋର୍ଦ୍ଧା ଜିଲାପାଳଙ୍କ ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ବାରଙ୍ଗ, ୧୦।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ ଗୁରୁବାର ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରିଛନ୍ତି। ଏହି ଗସ୍ତରେ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରଙ୍କର ୫ଟି କାର୍ଯ୍ୟକ୍ରମ କିଭଳି ପାଳନ ହେଉଛି ସେନେଇ ତର୍ଜମା କରିବା ସହ ରୋଗୀ ପଞ୍ଜୀକରଣ, ଚିକିତ୍ସା ବ୍ୟବସ୍ଥା, ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ପଚାରି ବୁଝିଥିଲେ। ଏହାପରେ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ଶୁଭ୍ରାଂଶୁ ପ୍ରଧାନଙ୍କ ସହ ଡାକ୍ତରଖାନା ବିଷୟରେ ପଚାରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନଙ୍କୁ ଉପଯୁକ୍ତ ସେବା ମିଳୁଛି କି ନାହିଁ ପଚାରିଥିଲେ। ଏହାପରେ ହରିଡାମଡା ଗ୍ରାମରେ ଥିବା ସେବାଶ୍ରମକୁ ଯାଇ ଛାତ୍ରମାନଙ୍କୁ ସୁବିଧାଅସୁବିଧା ଉପରେ ପଚାରିଥିଲେ। ବାରାପିଟାମୁଣ୍ଡା ସାହିକୁ ଗସ୍ତ କରି ଅଙ୍ଗନୱାଡି କେନ୍ଦ୍ର ପରଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଘରପଟ୍ଟା ପାଇ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାପରେ ମେଣ୍ଢାଶାଳ ଉପର ଭୋଇସାହିରେ ପହଞ୍ଚି ସ୍ୱୟଂସହାୟକ ଗୋଷ୍ଠୀ, ବାର୍ଦ୍ଧକ୍ୟଭତ୍ତା, ରାଶନ କାର୍ଡ, ବିଦ୍ୟୁତ୍ ସେବା ଆଦି ବିଷୟରେ ଉପସ୍ଥିତ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଅନାଥ ବାଳକ ସୌମ୍ୟରଞ୍ଜନ ଭୋଇଙ୍କୁ ସମସ୍ତପ୍ରକାର ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀଙ୍କ ଆଗରେ ପ୍ରତିଶ୍ରୁତି ଦେଇଥିଲେ।

## ପୂଜା ଭିଡ଼ରୁ ଚୋରି ମୋବାଇଲ ଜବତ, ଜଣେ ଗିରଫ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପ ନିକଟରୁ ଚୋରି ହୋଇଥିବା ଏକ ମୋବାଇଲ ଫୋନ୍‌କୁ ପୋଲିସ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ପୁରଲିଆ ଅଞ୍ଚଳର ପବନ ସିଂ। ସୂଚନା ମୁତାବକ, ପୁରୀ ଜିଲା କୁମ୍ଭାରପଡା ଥାନା ଅଞ୍ଚଳର ରାକେଶ କୁମାର ମଲ୍ଲିକ ରସୁଲଗଡ ଅଞ୍ଚଳରେ ରୁହନ୍ତି। ଗତ ୮ ତାରିଖରେ ସେ ପରିବାର ସହ ଦୁର୍ଗାପୂଜା ଦେଖିବାକୁ ଆସିଥିଲେ। ତାରିଣୀ ମନ୍ଦିର ନିକଟରେ ତାଙ୍କ ପକେଟରୁ ମୋବାଇଲ ଫୋନ୍ ଚୋରି ହୋଇଥିଲା। ଏ ନେଇ ରାକେଶ ୯ ତାରିଖରେ ଥାନାରେ ଅଭିଯୋଗ ପରେ ପୋଲିସ ୪୫୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ରାଜଧାନୀ ଉପକଣ୍ଠ ବାଲିଅନ୍ତା ବଜାରରେ ଲକ୍ଷ୍ମୀନାରାୟଣ ମୂର୍ତ୍ତିଙ୍କୁ ଜଣେ ଶିଳ୍ପୀ ଶେଷ ସ୍ପର୍ଶ ଦେଉଛନ୍ତି।



ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ଗୁରୁବାର ପ୍ଲାଷ୍ଟିକ ବୋତଲ କ୍ରସିଂ ମେଶିନ ବ୍ୟବହାର କରୁଥିବା ଯାତ୍ରୀଙ୍କୁ ଫୁଲ ତୋଡା ଦେଇ ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

# ସନ୍ଥମାନେ ଲୋକମାନଙ୍କୁ ମାର୍ଗଦର୍ଶନ କରାନ୍ତି

## ଜୀବନ ନିର୍ମାଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ମୁଖର ପ୍ରସନ୍ନତା ଭାବ ହିଁ ଦିବ୍ୟତାର ପ୍ରତୀକ। ଏକ ସୁଖୀ ଓ ଅର୍ଥପୂର୍ଣ୍ଣ ଜୀବନ ପାଇଁ ଏହାକୁ ଆଧାର କରିବା ଆବଶ୍ୟକ। ବିଚାରରୁ ସଙ୍କଳ୍ପ ଓ ସଙ୍କଳ୍ପରୁ କ୍ରିୟାର ଉଦ୍ଭବ ହୋଇଥାଏ। ଏହି କ୍ରିୟା ଅଭ୍ୟାସରେ ରୂପାନ୍ତରିତ ହୋଇ ସଂସ୍କାରରେ ପରିଣତ ହୋଇଥାଏ। ଏହି କ୍ରମବିକାଶକୁ ଗୁରୁତ୍ୱ ଦେଇ ନିଜ ଜୀବନ ନିର୍ମାଣ କରିବା ଜରୁରୀ। ଜୀବନ ଓ ମୃତ୍ୟୁକୁ କୌଣସି ଭାଷାରେ ପରିଭାଷିତ କରିହୁଏନି। ଏହା ଅନୁଭବ ଓ ଉପଲବ୍ଧିର କଥା। ଜୀବନ ଓ ମୃତ୍ୟୁର ତତ୍ତ୍ୱକୁ ହୃଦୟଙ୍ଗମ କରିବା ପାଇଁ ନିଜକୁ ଚେତନାର ଉଚ୍ଚତମ ସ୍ତରରେ ସ୍ଥାପିତ କରିବା ଦରକାର ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ଗୁରୁବାର 'ଶ୍ରୁତିନ୍ୟାସ'ର ମୁଖ୍ୟ ସ୍ୱାମୀ ଶୁଦ୍ଧାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆୟୋଜିତ 'ଜୀବନ ନିର୍ମାଣ' ଶିବିରର ଉଦ୍‌ଘାଟନ ଅବସରରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବାଣୀରେ ମଧୁରତା, ହୃଦୟରେ ପ୍ରେମ ଓ ଆଖିରେ କରୁଣା ସମସ୍ତଙ୍କର ଧ୍ୟେୟ ହେବା ଉଚିତ। ଆତ୍ମାର ପରମାତ୍ମା ସହ ସଂଯୋଗ ହିଁ ଈପ୍ସିତ ଲକ୍ଷ୍ୟ। ଭଗବାନ ନୁହେଁ, ସନ୍ଥମାନେ ଲୋକମାନଙ୍କୁ ମାର୍ଗ ଦର୍ଶନ କରାନ୍ତି ବୋଲି ରାଜ୍ୟପାଳ ଲାଲ କହିଛନ୍ତି।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ୱାମୀ ଶୁଦ୍ଧାନନ୍ଦ ସରସ୍ୱତୀ, ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ ପ୍ରମୁଖ ଜୀବନର ଲକ୍ଷ୍ୟ ଓ ମାର୍ଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳ ସତ୍ୟାର୍ଥ ପ୍ରକାଶର ଓଡ଼ିଆ ଅନୁବାଦ 'ସତ୍ୟର ସନ୍ଧାନେ', 'ଈଶ୍ୱରଙ୍କ ନାମ', 'ସ୍ତୁତି ସୌରଭ' ଆଦି ପୁସ୍ତକକୁ ଲୋକାର୍ପଣ କରିଥିଲେ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।

-ଲେନିନ୍



## ସଂକ୍ଷେପରେ

### ଅଚ୍ୟୁତାନନ୍ଦଙ୍କ ପୀଠରେ ନିତ୍ୟ ରାହାସ ଆରମ୍ଭ



**ନେମାଳ,୧୦।୧୦(ଡି.ଏନ୍.ଏ.):** ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠରେ ରାହାସାଧିବାସ, କଳସ ସ୍ଥାପନ, ଯନ୍ତ୍ରପୂଜା ସହ ରାହାସ ପଠନ ଆରମ୍ଭ ହୋଇଛି । ଏହି ରାହାସ ପଠନ କାର୍ଯ୍ୟକ୍ରମ କୁମାର ପୂର୍ଣ୍ଣିମା ଯାଏ ଚାଲିବ। ଏହି ଅବସରରେ ପ୍ରତ୍ୟହ ରାଧାକୃଷ୍ଣଙ୍କ ବିଗ୍ରହକୁ ଗୋପୀନାଥ ମନ୍ଦିରରୁ ନାମ ସଂକୀର୍ତ୍ତନ ମାଧମରେ ବେଢ଼ା ପରିକ୍ରମା କରାଯାଇ ରାହାସ ମଣ୍ଡପରେ ସ୍ଥାପନ କରାଯିବ। ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଓ ଭକ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ।

### ବିଶ୍ୱକବି ସମ୍ମିଳନୀରେ କବି ଚନ୍ଦ୍ରଶେଖରଙ୍କ ଯୋଗଦାନ

**ବଡମ୍ବା,୧୦।୧୦(ଡି.ଏନ୍.ଏ.):** ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଥିବା ୩୯ତମ ବିଶ୍ୱକବି ସମ୍ମିଳନୀରେ ବଡମ୍ବା ପ୍ରାଣଯୋଗ ପ୍ରତିଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ତଥା ବିଜ୍ଞାନକବି ଚନ୍ଦ୍ରଶେଖର ମହାନ୍ତି ଯୋଗଦେଇଥିଲେ । ବିଶ୍ୱର ୮୨ ଦେଶରୁ ପ୍ରାୟ ୨୦୦ କବି ଏହି କବି ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ କବି ମହାନ୍ତିଙ୍କ ଚନ୍ଦ୍ରାୟନ ମିଶନ ସମ୍ପର୍କିତ ବିଜ୍ଞାନଭିତ୍ତିକ କବିତା 'ଚିରାନନ୍ଦ ଚନ୍ଦ୍ରାୟନ' କବିତା ପାଠଟି ଉଚ୍ଚ ପ୍ରଶଂସିତ ହୋଇଥିଲ।

### ନାଟ୍ୟକାର ବାସୁଦେବ ଜେନାଙ୍କୁ ମିଳିବ ଗଣକବି ସମ୍ମାନ

**ମାହାଙ୍ଗା,୧୦।୧୦(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ୍ ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ପକ୍ଷରୁ ଚଳିତ ବର୍ଷ ମର୍ଯ୍ୟାଦାଜନକ ଗଣକବି ସମ୍ମାନ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରିକୂଳ ଗ୍ରାମର ନାଟ୍ୟକାର ବାସୁଦେବ ଜେନାଙ୍କୁ ପ୍ରଦାନ କରାଯିବ। ଗଣକବି ବୈଷ୍ଣବ ପାଣିଙ୍କ ୧୩୭ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଓ ସଂସଦର ୫୬ ତମ ଜୟନ୍ତୀ ସମାରୋହରେ କବିଙ୍କ ଜନ୍ମପୀଠ କୋଠପଦାରେ ଏହି ସମ୍ମାନ ଦିଆଯିବ ବୋଲି ସଂସଦର ସମ୍ପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ଓ କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅକ୍ଟୋବର ୧୯ରେ ମଣିଯୋରୀ ଶହୀଦ୍ ଭବନରେ ଅନୁଷ୍ଠିତ ହେବ ।



## ■ ୧୩ରୁ ବାଙ୍କୀ ମହୋତ୍ସବ

# ଦର୍ଶକଙ୍କ ମନଜିଣିବ ଲୋକନୃତ୍ୟ

**ବାଙ୍କୀ,୧୦।୧୦(ସ୍ୱ.ପ୍ର./ବି.ପ୍ର.)**

■୫ଦିନ ବ୍ୟାପୀ ଚାଲିବ ମହୋତ୍ସବ

■ସମ୍ମାନିତ ହେବେ ଅନେକ ପ୍ରତିଭା

■୧୪ରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, କବି ସମ୍ମିଳନୀ

ବାଙ୍କୀ ମାଟିର କଳା, ସାହିତ୍ୟ, ସଂସ୍କୃତି ତଥା ଐତିହ୍ୟର ଜୀବନ୍ତ ପ୍ରତିଛବି ବାଙ୍କୀ ମହୋତ୍ସବ ଆସନ୍ତା ୧୩ ତାରିଖରୁ ଆରମ୍ଭ ହୋଇ ୧୭ ପର୍ଯ୍ୟନ୍ତ ଚାଲିବ। ୫ ଦିନ ବ୍ୟାପୀ ଆୟୋଜନ ହେଉଥିବା ଏହି ସମାରୋହ ନିମନ୍ତେ ବିଦ୍ୟାରତ୍ନ ଭବନର ପ୍ରେସକ୍ଲବରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ଲୋକନୃତ୍ୟ ଦର୍ଶକଙ୍କ ମନଜିଣିବ ବୋଲି ସେ କହିଥିଲେ । ମହୋତ୍ସବ ପାଳନ ଅବସରରେ ସମ୍ବଲପୁରୀ ଲୋକନୃତ୍ୟ, ପୁରୀର ଗୋଟିପୁଅ, ଓଡ଼ିଶୀ, ଢ଼ଣ କୋଇଲା ଆଦି ଲୋକନୃତ୍ୟ ସହ ପ୍ରତିଦିନ ମେଲୋଡ଼ି କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଛି। ଏଥିସହ ରାମଦୋଳୀ, ମୀନା ବଜାର, ଶିଶୁ କ୍ରୀଡା, ଅଶ୍ୱାରୋହଣ, ମହିଳା ଭାଗବତ, ଘୋଡାନାଚ, କୀର୍ତ୍ତନ, ଦଣ୍ଡନୃତ୍ୟ ଆଦି ପରିବେଷଣ କରାଯିବ। ବିଭିନ୍ନ ଦିବସରେ ଅତିଥିଭାବେ ମନ୍ତ୍ରୀ ପ୍ରତାପ ଜେନା, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ପଣ୍ଡା, ରଘୁନନ୍ଦନ ଦାଶ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୁଦାମ ମାର୍ଣ୍ଡି, କଟକ ଏମପି ଭର୍ତ୍ତୃହରି ମହତାବ, ବିଧାୟକ ପ୍ରଶାନ୍ତ ବେହେରା, ଡାକ୍ତର ପ୍ରମୋଦ ମଲ୍ଲିକ, ସୌମ୍ୟରଞ୍ଜନ ପଟ୍ଟନାୟକ, ସାହିତ୍ୟିକ ଡ.ମୃତ୍ୟୁଞ୍ଜୟ ରଥ, ଗବେଷକ କୃଷ୍ଣ କେଶବ ଷଡ଼ଙ୍ଗୀ ଓ କଟକ ଜିଲାପାଳ ଭବାନୀଶଙ୍କର ଚଇନି ପ୍ରମୁଖ ଯୋଗଦେବା ଲାଗି ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ସ୍ୱାଇଁ କହିଥିଲେ। ୧୪ ତାରିଖରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ମହୋତ୍ସବରେ ବହୁ ସରକାରୀ ଓ ବେସରକାରୀ ପ୍ରଦର୍ଶନୀ ମଣ୍ଡପ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି। ମହୋତ୍ସବର ପ୍ରତିଷ୍ଠାତା ସଭାପତି ପ୍ରଭାତ କୁମାର ତ୍ରିପାଠୀ ଓ ମୁଖ୍ୟ ଉପଦେଷ୍ଟା ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଚଳିତ ବର୍ଷ ବାଙ୍କୀ ମହୋତ୍ସବରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଚିକିତ୍ସା ବିଜ୍ଞାନୀ ଡାକ୍ତର ଅଶୋକ ଚୌଧୁରୀଙ୍କୁ 'ଚର୍ଚ୍ଚିକା ସମ୍ମାନ' ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ସାରସ୍ୱତ ସାଧକ ପବନୀ ଜେନା, ଶିକ୍ଷାବିତ୍ ଧରମୁଧର ଯୁଝାରସିଂହ, ଆଦର୍ଶ କୃଷକ ପ୍ରଭାକର ବରାଳ, ସାହିତ୍ୟିକ ନକୁଳ ସାହୁ, ପୋଲିସ ପ୍ରଶାସକ ପ୍ରଦୀପ ପଟ୍ଟନାୟକ, ପାଲା ଗାୟକ ଲକ୍ଷ୍ମୀଧର ପଣ୍ଡା ପ୍ରମୁଖଙ୍କୁ ମହୋତ୍ସବ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ମିଳନୀରେ କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ସନାତନ ବେହେରା, ସୌମେନ୍ଦ୍ର ମିଶ୍ର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଓ ପ୍ରତାପଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ■ କ୍ୟାନ୍‌ସରରେ ପୀଡ଼ିତ ପୁଅ

# ଚିକିତ୍ସା ଖର୍ଚ୍ଚ ପାଇଁ ବାପାଙ୍କ ନିବେଦନ

**ରଘୁନାଥପୁର, ୧୦।୧୦ (ଡି.ଏନ.ଏ.)**



ପୁଅକୁ କ୍ୟାନସର ହୋଇଥିବା ବେଳେ ଆର୍ଥିକ ସମ୍ବଳ ନ ଥିବାରୁ ଚିକିତ୍ସାରେ ବାଧକ ସାଜିଛି। ପୁଅର ଚିକିତ୍ସା ଲାଗି ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବାପା ଆକୁଳ ନିବେଦନ କରିଛନ୍ତି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆ ହାଟ ଗ୍ରାମର ପ୍ରଫୁଲ୍ଲ ଭୋଇ(୩୯)। ମଜୁରି ଲାଗିଲେ ପରିବାର ଚଳେ। ଘରେ ସ୍ତ୍ରୀ, ପୁଅ, ଝିଅଙ୍କୁ ଛାଡି ଦେଲେ ମା'ବାପା ଅଛନ୍ତି। ନିଜସ୍ୱ ଘରଡିହ ଗୁଣ୍ଠେ ନ ଥିବା ବେଳେ ସ୍ଥାନୀୟ ବୃନ୍ଦାବନ ଚନ୍ଦ୍ର ମଠ ଜମିରେ ନିର୍ମିତ ନାଚାଳିଆରେ ବିତୁଛି ଜୀବନ। ମଜୁରି ଲାଗି ଦୁଃଖ କଷ୍ଟେ ପରିବାର ପ୍ରତିପୋଷଣ ହୋଇଯାଉଥିଲା। ତେବେ ଶରୀର ଅସୁସ୍ଥ ହେବା ପରେ ଯେଉଁଦିନ ଡାକ୍ତରୀ ରିପୋର୍ଟରୁ ଜଣାପଡିଲା ପ୍ରଫୁଲ୍ଲଙ୍କର ଖାଦ୍ୟନଳୀ ଓ ପାକସ୍ଥଳିରେ କ୍ୟାନସର ପରିବାର ଏକ ପ୍ରକାର ଦୁଃଖରେ ଭାଙ୍ଗି ପଡଛନ୍ତି। ପ୍ରଫୁଲ୍ଲଙ୍କ ବାପା ମୁରଲୀ ଓ ମା' ରୋଗଗ୍ରସ୍ତ। ପର ଘରେ କାମ କରି ଟଙ୍କା ଆଣି ସଂସାରର ବୋଝ ବୋହି ନେବା ସହ ପୁଅର ଚିକିତ୍ସା ଖର୍ଚ୍ଚ ବହନ କରିବା ଅସମ୍ଭବ ହୋଇପଡିଛି। ପୁଅ, ଝିଅଙ୍କ ଭବିଷ୍ୟତ ତଥା ପରିବାର ମୁଖରେ ଦାନା ଦେବା କଥା ଚିନ୍ତା କରି ପ୍ରଫୁଲ୍ଲ ଶରୀର କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ବାପା ମୁରଲୀ ପୁଅର ଚିକିତ୍ସା ପାଇଁ ସାହି, ପଡୋଶୀଠାରୁ ଆରମ୍ଭ କରି ଚାରିଆଡେ ବୁଲି ନେହୁରା ହେଉଛନ୍ତି। ଗ୍ରାମର ବଦାନ୍ୟ ବ୍ୟକ୍ତି ତଥା ଯୁବକମାନଙ୍କ ସହାୟତାରେ ଗୁରୁବାର ପ୍ରଫୁଲ୍ଲଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଏହି ଚିକିତ୍ସାର ପରିମାଣ ଅଧିକ ହୋଇଥିବାରୁ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ସହାୟତାର ହାତ ବଢାଇଲେ ପୁଅ ଆରୋଗ୍ୟ ଲାଭ କରି ପାରନ୍ତା ବୋଲି ମୁରଲୀ ଆକୁଳ ନିବେଦନ କରିଛନ୍ତି।

## ■ ଦଳୁଆ ଖଣ୍ଡାୟତ ସମାଜର ବାର୍ଷିକ ଉତ୍ସବ

# ପରମ୍ପରା, ସଂସ୍କୃତି ବଜାୟ ରଖିବା ଉପରେ ଗୁରୁତ୍ୱ

**ନରସିଂହପୁର,୧୦।୧୦(ଡି.ଏନ୍.ଏ.)**

ନରସିଂହପୁର ଦଳୁଆ ଖଣ୍ଡାୟତ ସମାଜର ୨ୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ନରସିଂହପୁର କ୍ଲବ ପଡ଼ିଆ ପରିସରରେ ଆୟୋଜିତ ଉତ୍ସବରେ ପ୍ରାୟ ୨୦ଟି ଗ୍ରାମର ଦଳୁଆ ଖଣ୍ଡାୟତ ଜାତିର ଲୋକେ ଯୋଗଦେଇଥିଲେ। ସଞ୍ଜୟ କୁମାର ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ସୁଶାନ୍ତ କୁମାର ମହାନ୍ତି ଯୋଗଦେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ଶରତ କୁମାର ପୁହାଣ ଅଧ୍ୟକ୍ଷତା କରିଥିଲେ। ପୂର୍ବ ଆଡେଣୀ ସଭାପତି ସନାତନ ଜେନା, ମଧ୍ୟ ଆଡେଣୀ ସଭାପତି ଚନ୍ଦ୍ର ମଣି ଧଳ, ପଶ୍ଚିମ ଆଡେଣୀ ସଭାପତି ବିରଞ୍ଚି ରାଉତ ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ଜାତିର ପରମ୍ପରା ଐତିହ୍ୟ ତଥା ସଂସ୍କୃତିକୁ ବଜାୟ ରଖିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ନରସିଂହପୁରର ବାଲିଝାରୀଠାରୁ ନୂଆବାଲିଝରୀ ମଧ୍ୟରେ ସମସ୍ତ ଦଳୁଆ ଖଣ୍ଡାୟତ କ୍ଷତ୍ରୀୟ ସମାଜକୁ ଏକତ୍ରିତ କରିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉତ୍ସବ ଶେଷରେ ଦଳ ଖଣ୍ଡାୟତ କ୍ଷତ୍ରୀୟ ସମାଜର ଶ୍ୟାମସୁନ୍ଦରପୁର, ବାଲିଝରୀ, କାଠଖୁଣ୍ଟ, ପୁରୁଣା ବାଲିଝରୀ, ନୂଆପାଟଣା, ସୁବଳୟା ଗ୍ରାମର ଯୋଦ୍ଧାମାନେ ପାଇକଖେଳ, ଖଣ୍ଡାଖେଳ ପ୍ରଦର୍ଶନ କରିଥିଲେ। ଶେଷରେ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ଦଳୁଆ ଖଣ୍ଡାୟତ ସମାଜ ପକ୍ଷରୁ ପାରମ୍ପରିକ କଳା ପ୍ରଦର୍ଶନ କରାଯାଉଛି।

# ଗ୍ରାମବିକାଶ ସପ୍ତାହ ପାଳନ

**ସାଲେପୁର,୧୦।୧୦ (ଡି.ଏନ୍.ଏ)**

ଓଡ଼ିଶା ବରିଷ୍ଠ ନାଗରିକ ସେବକ ସଂଘ ପକ୍ଷରୁ ସାଲେପୁର ବ୍ଲକ୍ ଅଧୀନ ନାନ୍ଦୋଳ ପଞ୍ଚାୟତ ଭାତପଡ଼ା ଠାରେ ଗ୍ରାମ ବିକାଶ ସପ୍ତାହ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ଅଧ୍ୟକ୍ଷ କୁଞ୍ଜମୋହନ ସେଠୀ ପୌରୋହିତ୍ୟ କରିବା ସହ ଗ୍ରାମ ବିକାଶ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ସହ ସମ୍ପାଦକ ଗଣେଶ୍ୱର ମହାନ୍ତି ଓ ଉପଦେଷ୍ଟା ହେମନ୍ତ କୁମାର ଦାସ ଯୋଗଦେଇ ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ସଂଗ୍ରାମ ଜାରି କରିବାକୁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଉପଦେଷ୍ଟାଭାବେ ରବିନାରାୟଣ ପଟ୍ଟନାୟକ ରାଜ୍ୟକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ କହିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଥିଲା। ଏଥିରେ ରେଣୁବାଳା ରାଉତ, ଜ୍ୟୋତି ଦାସ, ମନୋରମା ଭୋଇ, ସୁକାନ୍ତି ବାରିକ୍, ନିର୍ମଳା ଭୋଇ ପ୍ରମୁଖ ସ୍ୱେଚ୍ଛାସେବୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆଠଗଡ଼ ବିକାଶ ପରିଷଦର ପୂଜାମିଳନ ଉତ୍ସବ




ଉତ୍ସବରେ ଯୋଗଦେଇଥିବା ପରିଷଦର ସଦସ୍ୟ ଓ ଅନ୍ୟମାନେ।

**ଆଠଗଡ,୧୦।୧୦(ସ୍ୱ.ପ୍ର.)**

ଆଠଗଡ଼ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଠଗଡ ବିକାଶ ପରିଷଦର ପୂଜାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରାମନାରାୟଣ ମହାନ୍ତି ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁବାସ ମହାନ୍ତି, ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ ତୁଷାରକାନ୍ତି ରଥ, ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ତହସିଲଦାର ତପନ କୁମାର ଖୁଣ୍ଟିଆ, ସାହିତ୍ୟିକ ଡକ୍ଟର ନାରାୟଣ ପଣ୍ଡା, ଆଇନଜୀବୀ ଫଣିଭୂଷଣ ରଥ, ଆୟୁର୍ବେଦିକ ଅସ୍ଥି ଚିକିତ୍ସକ ପ୍ରତାପରୁଦ୍ର ବେଉରା ଓ ନୀଳାଚଳ ଇସ୍ପାତ ନିଗମର ସୁରକ୍ଷା ଅଧିକାରୀ ସ୍ୱାଧୀନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଆଠଗଡର ବିଭିନ୍ନ ମୌଳିକ ସମସ୍ୟା ଓ ବିକାଶ ସମ୍ପର୍କରେ ଉପସ୍ଥାପନ କରିଥିଲେ। ବିକାଶ ପରିଷଦର ଉପଦେଷ୍ଟା ବିକ୍ରମ କେଶରୀ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ମିଶ୍ର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆଠଗଡର ପୂର୍ବତନ ଏମ୍‌ପି ସୁବାସ ମହାନ୍ତି, ବାୟୁସେନା ଅଧିକାରୀ ରଥ, ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ସବ୍ୟସାଚୀ ପଟ୍ଟନାୟକ, ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦୀପ୍ତିରଞ୍ଜନ ପଣ୍ଡା ଓ ଚିତ୍ରଶିଳ୍ପୀ ବିମଳ ମୋହନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିକାଶ ପରିଷଦର ସଭ୍ୟ ନୀଳକଣ୍ଠ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହିତ୍ୟର ସ୍ୱରରେ ସାମାଜିକ ବିପ୍ଳବ ଆଣିବାକୁ ଆହ୍ୱାନ

**ନେମାଳ,୧୦।୧୦(ଡି.ଏନ୍.ଏ.)**

ନେମାଳ ସତ୍‌ସଙ୍ଗ ବିହାର ପରିସରରେ ପାର୍ବଣ ବିଶେଷାଙ୍କ 'ସାହିତ୍ୟର ସ୍ୱର' ପତ୍ରିକାର ଉନ୍ମୋଚନ ଉତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷକ ସମ୍ବାଦର ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଡ. କୀର୍ତ୍ତନ ନାରାୟଣ ପାଢ଼ୀ, ମୁଖ୍ୟବକ୍ତାଭାବେ ସାମାଜିକ କର୍ମୀ ଡ.ଋତୁପର୍ଣ୍ଣା ମହାନ୍ତି ଓ ସମ୍ମାନିତ ଅତିଥି ଭାବେ କବି ସଦାଶିବ ଦାଶ, ଗୀତିକବି ଶରତଚନ୍ଦ୍ର ପରିଡା, ଅଧ୍ୟାପକ ସର୍ବେଶ୍ୱର ସେଣ ପ୍ରମୁଖ ଯୋଗଦେଇ ସାହିତ୍ୟର ସ୍ୱରକୁ ଶାଣିତ କରି ସାମାଜିକ ବିପ୍ଳବ ଆଣିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କବି ସଚ୍ଚିଦାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଜୟରାମ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନର ସମ୍ପାଦକ ପ୍ରମୋଦ କୁମାର ଦାଶ, କୃଷ୍ଣଚନ୍ଦ୍ର ନାୟକ, ଯୋଗେନ୍ଦ୍ର ନାଥ ଜେନା, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ବଳରାମ ପାତ୍ର, ସରୋଜ କୁମାର ଚୌଧୁରୀ, ଶାରଦା ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପ୍ରକୃତି ବନ୍ଧୁ ଅଭୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

## ନରସିଂହପୁର ସବ୍‌ଜେଲରେ ଅନଶନ ଘଟଣା

# ଆଲୋଚନା ପରେ ଖାଦ୍ୟ ଖାଇଲେ ଅନ୍ତେବାସୀ

**ନରସିଂହପୁର,୧୦।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)**

ନରସିଂହପୁର ଉପକାରାଗାରରେ ଖାଦ୍ୟ ବର୍ଜନ କରି ଅନଶନରେ ବସିଥିବା ୧୫ଜଣ ଅନ୍ତେବାସୀ ଗୁରୁବାର ଖାଦ୍ୟ ଗ୍ରହଣ କରିଛନ୍ତି। ଫଳରେ ୨ ଦିନ ଚାଲିଥିବା ଅନଶନର ସମାଧାନ ହୋଇଯାଇଛି। ବିଡିଓ ପ୍ରଶାନ୍ତ କୁମାର ତରାଇ, ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଅନ୍ତେବାସୀଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ସେମାନେ ଆନ୍ଦୋଳନରୁ ଓହରି ଖାଦ୍ୟ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ନରସିଂହପୁର ସବ୍ ଜେଲରେ ୧୫ ଜଣ ଅନ୍ତେବାସୀ ବୁଧବାର ମଧ୍ୟାହ୍ନ ଭୋଜନରେ ଅଣ୍ଡା ବଦଳରେ ମାଛ ଖାଇବା ପାଇଁ ଦାବିକରି ଅନଶନ କରିଥିଲେ।



ଟିଗିରିଆରେ ଗୁରୁବାର ମା'ଦୁର୍ଗା ଓ ଅନ୍ୟ ଦେବଦେବୀଙ୍କ ମୃଣ୍ମୟ ମୂର୍ତ୍ତିକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

# ମାନସିକ ଅନଗ୍ରସରଙ୍କୁ ଆଇନଗତ ସହାୟତା ଉପରେ ଗୁରୁତ୍ୱ

**ଆଠଗଡ/ବାଙ୍କୀ, ୧୦।୧୦(ସ୍ୱ.ପ୍ର.)**

ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଜେଏମ୍ଏଫ୍‌ସି ସୌମ୍ୟଶଙ୍କର ମହନ୍ତ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ବିଜୟ କୁମାର ମିଶ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଦିଲୀପ ରଞ୍ଜନ ପାତ୍ର, ଆଠଗଡ ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ମାନସିକ ଅନଗ୍ରସରଙ୍କୁ ଆଇନଗତ ସହାୟତା ଯୋଗାଇଦେବା ଉପରେ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ପ୍ରତାପ ଚନ୍ଦ୍ର ପଟ୍ଟନାୟକ ସଭାରେ ସଂଯୋଜନା କରିଥିବା ବେଳେ ପଦାରବିନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବାଙ୍କୀ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ ସିନିୟର ଡିଭିଜନ ସିଭିଲ ଜଜ୍ ଦୀପଙ୍କର ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଧୂଳେଶ୍ୱର ପ୍ରଧାନ, ତାଲୁକ ଆଇନ ସେବା କମିଟି ସଭ୍ୟ ଶରତ ଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଡ୍‌ଭୋକେଟ ଜିତେନ କୁମାର ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ■ ବାରମ୍ବାର ବିଦ୍ୟୁତ୍ ତାର ଛିଡ଼ିବାରୁ ବଢୁଛି ଅସନ୍ତୋଷ

# ଆନ୍ଦୋଳନ ପାଇଁ ଚେତାବନୀ

**ସାଲେପୁର,୧୦।୧୦ (ଡି.ଏନ୍.ଏ)**

ସାଲେପୁର ସେସୁ ଡିଭିଜନ୍ ଅଧୀନ ଶିଶୁଆ ପଞ୍ଚାୟତ ଅନ୍ତର୍ଗତ ସପନପୁର ଗ୍ରାମରେ ବାରମ୍ବାର ବିଦ୍ୟୁତ୍ ତାର ଛିଡ଼ିଯିବା ନେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ହେବ ବିଦ୍ୟୁତ୍ ବିଭାଗ ପକ୍ଷରୁ ପୁରୁଣା ତାରକୁ ପରିବର୍ତ୍ତନ କରା ନଯାଇ ଛିଣ୍ଡା ତାରରେ ବିଦ୍ୟୁତ୍ ସଂଯୋଗ କରାଯାଇଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଫଳରେ ବର୍ଷା,ପବନ ନ ଥିବା ସତ୍ତ୍ୱେ ଅନେକ ସମୟରେ ବିଦ୍ୟୁତ୍ ତାର ଛିଡ଼ି ତଳେ ପଡିଯାଉଛି ବୋଲି ସେମାନେ କହିଛନ୍ତି। ଫଳରେ ସପନପୁର ନାୟକସାହିଠାରୁ ପାଟଣାପଡ଼ିଆ ପର୍ଯ୍ୟନ୍ତ ରାସ୍ତାରେ ଲୋକମାନେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଏ ନେଇ ସପନପୁର ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ସେସୁ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି କୁହାଯାଇଛି। ୨ ଦିନ ତଳେ ସପନପୁର ତାରିଣୀ ଠାକୁରାଣୀ ପାଖରେ ବିଦ୍ୟୁତ୍ ତାର ଛିଡ଼ି ପଡ଼ିବାରୁ ବହୁ ସମୟ ଧରି ବିଦ୍ୟୁତ୍ ଯୋଗାଯୋଗ ବନ୍ଦ ରହିଥିଲା। ତୁରନ୍ତ ଏହି ଗ୍ରାମକୁ ନୂତନ କେବୁଲ୍ ବିଦ୍ୟୁତ୍ ତାର ସଂଯୋଗ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସପନପୁର ଗ୍ରାମର ବିଦ୍ୟୁତ ଉପଭୋକ୍ତାଙ୍କ ପକ୍ଷରୁ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସାଲେପୁର ବ୍ଲକ୍‌ର ପ୍ରାକ୍ତନ୍ ଉପାଧ୍ୟକ୍ଷ ଦିଲ୍ଲୀପ୍ କୁମାର ଦାଶ ଚେତାବନୀ ଦେଇଛନ୍ତି।



ରାସ୍ତାରେ ବିଦ୍ୟୁତ୍ ତାର ଝୁଲି ରହିଛି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍



## ସଂକ୍ଷେପରେ

### ପରିବେଶ ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ, ୧୦।୧୦:** ଓଡ଼ିଶା ବନ୍ୟଜନ୍ତୁ ସଂରକ୍ଷଣ ସମିତି ପକ୍ଷରୁ ପରିବେଶ ସଚେତନତା ଏବଂ ପ୍ରାଥମିକ ଚିକିତ୍ସା ସେବା ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠ ଉଦ୍ୟାନରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବିଭୁପ୍ରସନ୍ନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଓ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ପାଇଁ କହିଥିଲେ। ବିଶେଷକରି ପ୍ଲାଷ୍ଟିକ ବର୍ଜନ ଓ ସଫେଇ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ବରିଷ୍ଠ ନାଗରିକ ଅନ୍ତର୍ଯ୍ୟାମୀ ପ୍ରଧାନ, ପବିତ୍ର ମୋହନ ବାରିକ, ଗୌରୀଶଙ୍କର ପ୍ରଧାନ, ବିରେନ ମହାନ୍ତି, ସୁରଜିତ ମହାପାତ୍ର, ସମ୍ବିତ ଜେନା, ଗୁରୁପ୍ରସାଦ ଜେନା, ସନ୍ଦୀପ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମିତି ପକ୍ଷରୁ ପ୍ରକାଶ ପାଇଥିବା ବନ୍ୟଜନ୍ତୁ ସମ୍ବନ୍ଧୀୟ ପୁସ୍ତକ ବଣ୍ଟନ କରାଯାଇଥିଲେ।

### ଉତ୍କଳମଣି ଜୟନ୍ତୀ

**ଟାଙ୍ଗୀ(କଟକ),୧୦।୧୦(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତ ଚିନ୍ତାମଣିପୁର ଗ୍ରାମରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ରତ୍ନାକର ବେହେରାଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଜୟଶ୍ରୀ ପ୍ରଧାନ ମୁଖ୍ୟ ଅତିଥି, ସରପଞ୍ଚ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ନାଏବ ସରପଞ୍ଚ ଧ୍ରୁବ ଚରଣ ସାହାଣୀ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୋପବନ୍ଧୁଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥଲା। ଶେଷରେ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

### ଶିଶୁଭବନ: ୱାର୍ଡ ସ୍ଥିତି ଅନୁଧାନ କଲେ ଆର୍‌ଡିସି

**କଟକ ଅଫିସ, ୧୦।୧୦ :** ରାଜ୍ୟ ସରକାରଙ୍କ 'ମୋ ସରକାର' ଏବଂ ୫-ଟି କାର୍ଯ୍ୟକ୍ରମରେ ରୋଗୀସେବା କିପରି ଚାଲିଛି ତାହାକୁ ଅନୁଧାନ କରିବା ନିମନ୍ତେ ଗୁରୁବାର ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଅନିଲ କୁମାର ସାମଲ ଅଚାନକ କଟକ ସର୍ଦ୍ଦାର ବଲଭଭାଇ ପଟେଲ ଶିଶୁଭବନ ପରିଦର୍ଶନ କରିଥିଲେ। ସେଠାରେ ଶିଶୁଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିବାବେଳେ ବିଭିନ୍ନ ୱାର୍ଡକୁ ଯାଇ ସ୍ଥିତି ଅନୁଧାନ କରିଥିଲେ। ରୋଗୀଙ୍କୁ ଠିକ୍ ଚିକିତ୍ସା ଦିଆଯିବା, ଔଷଧ ମିଳିବା, ଡାକ୍ତରଙ୍କଠାରୁ ଠିକ୍ ପରାମର୍ଶ ମିଳିବା, ନର୍ସମାନେ କାର୍ଯ୍ୟ ଠିକ୍‌ରେ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ରୋଗୀ ସମ୍ପର୍କୀୟଙ୍କଠାରୁ ଆରଡିସି ପଚାରି ବୁଝିଥିଲେ। ସେହିପରି ସେଠାରେ ଅସ୍ତ୍ରୋପଚାର ଗୃହ, ଆଇସିୟୁ ବ୍ୟବସ୍ଥା ବୁଲି ଦେଖିବା ସହିତ ରୋଗୀଙ୍କୁ ଯେପରି ସରକାରୀ ଔଷଧ ମିଳିପାରିବ, ରୋଗୀମାନେ ଯେପରି ବିଭିନ୍ନ ପରୀକ୍ଷା ପାଇଁ ହଇରାଣ ନ ହୁଅନ୍ତି ସେଥିପ୍ରତି ଡାକ୍ତର ଓ ଶିଶୁଭବନର ଅଧକ୍ଷଙ୍କୁ ପରାମର୍ଶ ଦେଇଥିଲେ।

# ଦୋକାନୀଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିଲେ

## ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ):** ଜମିବାଡି ବିବାଦକୁ କେନ୍ଦ୍ରକରି ଜଣେ ଦୋକାନୀଙ୍କୁ ୩ ଜଣ ଯୁବକ ଗୋଡାଇ ଖଣ୍ଡା ଓ କଟୁରିରେ ହାଣିଛନ୍ତି। ଫଳରେ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ହାତ, ଗୋଡ ଓ ପିଠିରେ ଗଭୀର ଆଘାତ ଲାଗିଛି। ଏହି ଘଟଣା ଖଣ୍ଡଗିରି ଥାନା ବରମୁଣ୍ଡାରେ ଘଟିଛି। ଆହତ ହୋଇଥିବା ଦୋକାନୀ ହେଲେ ବରମୁଣ୍ଡାର ଜ୍ୟୋତି ରଞ୍ଜନ ସ୍ୱାଇଁ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଆହତ ହୋଇଥିବା ଜ୍ୟୋତି ରଞ୍ଜନ ଓ ଆକ୍ରମଣ କରିଥିବା ଯୁବକ ଜଣଙ୍କ ସମ୍ପର୍କୀୟ। ସେମାନଙ୍କ ମଧ୍ୟରେ ଜମିବାଡି ବିବାଦକୁ ନେଇ ପୂର୍ବରୁ ଶତ୍ରୁତା ରହିଥିଲା। ଜ୍ୟୋତି ରଞ୍ଜନ ବରମୁଣ୍ଡାରେ ଏକ ଭେରାଇଟ୍ ଦୋକାନ କରିଛନ୍ତି। ସବୁଦିନ ପରି ଗୁରୁବାର ମଧ୍ୟାହ୍ନ ୧୨ଟାରେ ଦୋକାନରେ ଥିବା ସମୟରେ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ଦୁଇଜଣ ସହଯୋଗ ଖଣ୍ଡ, କଟୁରି ଏବଂ ଭୁଜାଲି ଧରି ଦୋକାନ ଭିତରକୁ ପଶିଥିଲେ। ସେଠାରେ ଭଙ୍ଗାରୁଜା କରିବା ସହ ଜ୍ୟୋତି ରଞ୍ଜନଙ୍କୁ ହାଣିଥିଲେ। ଏପରିକି ଜୀବନ ବଞ୍ଚାଇବାକୁ ଜ୍ୟୋତି ଏଣେତେଣେ ଦୌଡିଥିଲେ ମଧ୍ୟ ସେମାନେ ତାଙ୍କୁ ଛାଡି ନ ଥିଲେ। ତାଙ୍କ ଗୋଡ, ହାତ ଓ ପିଠିକୁ ହାଣି ଚାଲିଥିଲେ। ଦୋକାନ ନିକଟରେ ଥିବା ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଆସିବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ନେଇ ଜ୍ୟୋତି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।




ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ କଟକ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ମାନସିକ ରୋଗ ପ୍ରତି ସଚେତନ ରହିବା ଉଚିତ

**କଟକ ଅଫିସ, ୧୦।୧୦**

ଦି ବ୍ରେନ୍ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଗୁରୁବାର ସ୍ଥାନୀୟ ଶତାବ୍ଦୀ ଭବନଠାରେ ପାଳିତ ହୋଇଯାଇଛି। ପ୍ରଫେସର ଡା. ସରୋଜିନୀ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ ଯୋଗଦେଇ କହିଥିଲେ, ଦିନକୁ ଦିନ ମାନସିକ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର ପ୍ରତିକାର କରିବାର ଆବଶ୍ୟକତା ରହିଛି। ମୁଖ୍ୟବକ୍ତା ଡା. ସାର୍ଥକ ଷଡଙ୍ଗୀ କହିଥିଲେ, ମନୁଷ୍ୟର ମସ୍ତିଷ୍କରେ ଭାବନା, ଚିନ୍ତା, ବିଚାରଶକ୍ତି ପରିଚାଳନା କରିବା ପାଇଁ ସ୍ନାୟୁରସ ଏକ ପରିମିତ ପରିମାଣରେ ନିର୍ଗତ ହୋଇଥାଏ। ମାନସିକ ରୋଗର ଲକ୍ଷଣ ଦେଖାଦେବା ପୂର୍ବରୁ ଏହି ସ୍ନାୟୁରସ ପରିଚାଳନାରେ ତ୍ରୁଟି ଆରମ୍ଭ ହୋଇଥାଏ। ଏଥିପ୍ରତି ସଚେତନ ରହିବା ଉଚିତ। ସେହିପରି ସମ୍ମାନିତ ଅତିଥି ବିଧାୟକ ଇଂ. ମହମ୍ମଦ ମୋକିମ କହିଥିଲେ, ମାନସିକ ରୋଗୀମାନେ ଅନେକ ସମୟରେ ଗୁଣିଗାରେଡି, ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରୁଥିବା ଦେଖିବାକୁ ମିଳୁଛି। ଏହାଠାରୁ ଦୂରେଇ ରହି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଦରକାର। ଏହି ଅବସରରେ ଫାଉଣ୍ଡେଶନ ତରଫରୁ ନୋ ଟେନ୍‌ସନ୍ ସଙ୍ଗୀତ ଅଡିଓ ଡିଭାଇସ୍‌କୁ ଉନ୍ମୋଚନ ହୋଇଥିଲା। ଏଥିରେ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଡା. ସମ୍ରାଟ କର, ଗୋପାଳ ଚନ୍ଦ୍ର କର, ରାଧାମୋହନ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଡା. ଶୁଭଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

## ଅଯୋଗ୍ୟ ହିତାଧିକାରୀଙ୍କୁ କାଳିଆ ଅନୁଦାନ

**କଟକ ଅଫିସ,୧୦।୧୦**

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ କାଳିଆ ଯୋଜନାରେ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଯୋଜନାରେ ଚାଷୀମାନଙ୍କୁ ୨୫ ହଜାର ଟଙ୍କା ଦିଆଯିବାକୁ ଥିବାବେଳେ ପ୍ରଥମ କିସ୍ତିରେ ଉକ୍ତ ଅର୍ଥ ଦିଆଯାଇଥିଲା। ରାଜ୍ୟର ୫୧ଲକ୍ଷ ୫ ହଜାର ହିତାଧିକାରୀଙ୍କୁ ପ୍ରୋତ୍ସାହନ ଅର୍ଥ ଦିଆଯାଇଥିଲା। ମାତ୍ର ନିର୍ବାଚନ ପରେ ଏହି ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ତଥ୍ୟ ପଦାକୁ ଆସିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୩ଲକ୍ଷ ୪୧ ହଜାର ଥିଲା। ଏହି ଘଟଣାରେ ସମ୍ପୃକ୍ତ ସରକାରୀ ଅଧିକାରୀ ଏବଂ ମିଥ୍ୟା ତଥ୍ୟ ଦେଇ ସରକାରୀ ଅର୍ଥ ହଡ଼ପ କରିଥିବା ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ଆଇନଜୀବୀ ଦିଲୀପ ମହାପାତ୍ର ମୁଖ୍ୟମନ୍ତ୍ରୀ, ଅର୍ଥ ସଚିବ, କୃଷି ସଚିବ ଏବଂ ସିବିଆଇ ଡିଜିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ହାଇକୋର୍ଟଙ୍କ ଜନସ୍ୱାର୍ଥ ମାମଲା ନିୟମାନୁଯାୟୀ ମହାପାତ୍ର ଏହି ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ତେଣୁ ଯୋଜନାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହେବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ, ଏହି ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ୨୦ ହଜାର ସରକାରୀ ଚାକିରିଆ ଏବଂ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ହୋଇଥିବାବେଳେ ୯ ହଜାର ଅପ୍ରାପ୍ତବୟସ୍କ ହିତାଧିକାରୀ। ସେହିପରି ଗୋଟିଏ ପରିବାରରୁ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯିବାକୁ ଥିବାବେଳେ ପ୍ରାୟ ୧୨ଲକ୍ଷ ପରିବାରର ୩ଜଣ ହିତାଧିକାରୀ କାଳିଆ ଯୋଜନାରେ ଅର୍ଥ ପାଇଛନ୍ତି। ୫ ଏକରରୁ ଅଧିକ ଜମି ରହିଥିବା ପ୍ରାୟ ୧୨ ହଜାର ଚାଷୀ ମଧ୍ୟ କାଳିଆ ଅନୁଦାନ ଅର୍ଥ ହାତେଇଛନ୍ତି। ଏହାର ନିରପେକ୍ଷ ତଦନ୍ତ କରାଗଲେ ଅଯୋଗ୍ୟ ହିତାଧିକାରୀ ସଂଖ୍ୟା ୧୫ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ମହାପାତ୍ର କହିଛନ୍ତି। ଏହି ଅନିୟମିତତା ପାଇଁ କିଛି ବିଭାଗର ସଚିବ ଏବଂ ବ୍ଲକର ଅଧିକାରୀମାନେ ଦାୟୀ। ଏହି କାର୍ଯ୍ୟକୁ ଠିକ୍ ଭାବେ ତୁଲାଇ ନ ଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ ବୋଲି ମହାପାତ୍ର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯୋଜନା କାର୍ଯ୍ୟକାରୀ କରିବାରେ ସରକାରୀ କର୍ମଚାରୀ ସାମିଲ ଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସିବିଆଇ ଦ୍ୱାରା କରାଯିବାକୁ ମହାପାତ୍ର ଦାବି କରିଛନ୍ତି।

### ଆଇନମନ୍ତ୍ରୀଙ୍କୁ ଦାବିପତ୍ର

**କଟକ ଅଫିସ, ୧୦।୧୦**

କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ପ୍ରାଙ୍ଗଣରେ ଆଇନଜୀବୀ ବିଶ୍ୱନାଥ ପଶାୟତ ମେମୋରିଆଲ ପାଠାଗାର ଉଦ୍‌ଘାଟିତ ହୋଇଛି। ଏଥିରେ ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା ଓ ଆଇନମନ୍ତ୍ରୀ ପ୍ରତାପ ଜେନା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସିଭିଲ ଓ କ୍ରିମିନାଲ କୋର୍ଟ ମୋହରିର ସଂଘର ଗଣେଶ୍ୱର ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ଦିବାକର ସ୍ୱାଇଁ, ଅଜୟ ଚନ୍ଦ୍ର ପରିଜାଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ମୋହରିର କଲ୍ୟାଣ ପାଣ୍ଠିକୁ ୧୦ କୋଟି ଟଙ୍କା ପ୍ରଦାନ କରାଯିବା, ପ୍ରତି ଓକିଲ ଓ ମୋହରିର ପରିବାର ବର୍ଗଙ୍କ ପାଇଁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା କରାଯିବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### କଟକ ସଦର ଥାନା ଅଞ୍ଚଳରେ ଭସାଣି ଉତ୍ସବ

**ଫୁଲନଖରା,୧୦।୧୦(ଡି.ଏନ୍.ଏ)**

କଟକ ସଦର ଥାନା ଅଞ୍ଚଳରେ ଗୁରୁବାର ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତାପନଗରୀସ୍ଥିତ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା ମଧ୍ୟାହ୍ନରେ ବାହାରି ତେଲଙ୍ଗାପେଣ୍ଠ ଠାରେ ପହଞ୍ଚିଥିଲା। ପରେ ପ୍ରତାପନଗରୀସ୍ଥିତ ଅସ୍ଥାୟୀ ପୁଷ୍କରିଣୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ସେହିପରି ତେଲଙ୍ଗାପେଣ୍ଠ ବ୍ୟବସାୟୀ ସଂଘ, ରାମନଗର ଦୁର୍ଗାପୂଜା କମିଟି, ନୂଆକାଚରାମାଳ, ବର୍ଣ୍ଣକୁଦ, ନୂଆପାଟଣା, କୁମ୍ଭରାଜପୁର ମେଢଗୁଡ଼ିକ ଶୋଭାଯାତ୍ରା ପରେ ବିସର୍ଜନ କରାଯାଇଥିଲା। ଅପରାହ୍ନରେ ଭାଣପୁର, ପାଇକସାହି, ରାଉତସାହି, ଦେହୁରୀସାହି, କମାରସାହି, ଗୋପାଳପୁର ଦୁର୍ଗାପୂଜା କମିଟିର ମେଢ ବାଲିକୁଦାରେ ପହଞ୍ଚିବା ପରେ ମା' ବାଲିମଙ୍ଗଳା ପୂଜା କମିଟି ପକ୍ଷରୁ ସମସ୍ତ ମେଢକୁ ସମ୍ବର୍ଦ୍ଧନା ଦିଆଯାଇ ଭୋଗହାଣ୍ଡି ପ୍ରଦାନ କରିଥିଲେ। ଏହା ପରେ ଶୋଭାଯାତ୍ରାରେ ଯାଇ କାଠଯୋଡି ନଦୀର ଭୂତନାଥ ଗଡ଼ାରେ ହୋଇଥିବା ଅସ୍ଥାୟୀ ଜଳାଶୟରେ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରାଯାଇଥିଲା। ଭସାଣି ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।




ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।

# ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା

**କଣ୍ଟାପଡ଼ା,୧୦।୧୦(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ଏସ୍‌ଭି ନିରତାର ପରିସରରେ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ନିରତାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମାନସିକ ସ୍ତରରେ ଦୃଢ଼ତା ପାଇବାକୁ ହେଲେ ପ୍ରତ୍ୟେକ ମଣିଷ ଆଧ୍ୟାତ୍ମିକ ମାର୍ଗ ଉପରେ ବିଶ୍ୱାସ ରଖିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର ଉପ ନିର୍ଦ୍ଦେଶକ ଡା.କିଶୋର ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ଅନ୍ତେବାସୀ ଭିନ୍ନକ୍ଷମ ଓ କର୍ମଚାରୀମାନେ ପ୍ଲାକାର୍ଡ ଧରି ଆତ୍ମହତ୍ୟା ନ କରିବା ପାଇଁ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ ନିରତାର ସଭାଗୃହରେ ଆତ୍ମହତ୍ୟା ନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡା.ପବିତ୍ର ସାହୁ ଓ ଡା. ପ୍ରମୋଦ କୁମାର ପରିଡ଼ା ପରିଚାଳନା କରିଥିଲେ।

# ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ



**କଟକ ଅଫିସ, ୧୦।୧୦**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ବିଷୟରେ ଆଲୋଚନା ହେଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ଉପସଭାପତି ସିନୁ ରେଡି, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ହେମନ୍ତ ପଟ୍ଟନାୟକ, ହାଡିବନ୍ଧୁ ବେହେରା ଓ ପ୍ରଭାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଖବରକାଗଜ ସମାଜ କାର୍ଯ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସଂଘର କର୍ମକର୍ତ୍ତା ମାଲ୍ୟାର୍ପଣ କରିଥିଲେ।

# ପୁନଃ ତଦନ୍ତ ପାଇଁ ରାଜସ୍ୱ ଆୟୁକ୍ତଙ୍କୁ ଦାବିପତ୍ର

## କିଶନନଗର ତହସିଲରେ ସରକାରୀ ଜମି ହଡ଼ପ ମାମଲା

**କଟକ ସଦର,୧୦।୧୦(ଡି.ଏନ୍.ଏ)**

କଟକ ଜିଲା କିଶନନଗର ତହସିଲ କାର୍ଯ୍ୟାଳୟରେ ବିଭିନ୍ନ ସମୟରେ ସରକାରୀ ଜମିକୁ ବେଆଇନଭାବେ ହସ୍ତାନ୍ତର କରାଯାଇଥିଲା। ଏହି ବେଆଇନ କାର୍ଯ୍ୟର ତଦନ୍ତ ଦାୟିତ୍ୱ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପୁନର୍ବାର ସ୍ଥାନୀୟ ତହସିଲଦାରଙ୍କୁ ଦିଆଯାଇଛି। ବିଭିନ୍ନ ସମୟରେ ତହସିଲ କାର୍ଯ୍ୟାଳୟର ଷ୍ଟାଫମାନେ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ତହସିଲଦାରଙ୍କ ତଦନ୍ତ ନିରପେକ୍ଷ ହୋଇପାରିବ ନାହିଁ। ତେଣୁ ଏହାର ତଦନ୍ତ ଭାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା କରାଇବା ପାଇଁ ଗୁରୁବାର କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଧରିଣା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, କିଶନନଗର ତହସିଲ କାର୍ଯ୍ୟାଳୟରୁ ୧୯୯୫ ମସିହାରେ ଜମିପଟ୍ଟା ସଂକ୍ରାନ୍ତୀୟ ଫାଇଲ ଗାଏବ ହୋଇଯାଇଛି। ଯଶପଡ଼ା ରାଜସ୍ୱ ନିରୀକ୍ଷକଙ୍କ ଏନଓସି ବଳରେ ଶୁକପାଇକା ନଦୀ ପଠାରେ ସ୍ଥାୟୀ ନିର୍ମାଣ ଭଳି ବେଆଇନ କାର୍ଯ୍ୟ ହୋଇଥିବା ଆରଡିସିଙ୍କୁ ଅଗଷ୍ଟ ମାସରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ତଦନ୍ତ କଟକ ଜିଲାପାଳ ଏକ ମାସ ମଧ୍ୟରେ କରି ରିପୋର୍ଟ ଦେବା ପାଇଁ ଆରଡିସିଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୮୧୪୪/୧୩-୮-୧୯ ରେ ନିର୍ଦ୍ଦେଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ ଜିଲାସ୍ତରୀୟ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ନ କରାଯାଇ ପୁଣି ତହସିଲଦାରଙ୍କୁ ଦାୟିତ୍ୱ ଦିଆଗଲା। ପତ୍ର ସଂଖ୍ୟା ୨୩୫୮/୨୬-୮-୧୯ ରେ କଟକର ଅତିରିକ୍ତ ଜିଲାପାଳ ତଦନ୍ତ ଦାୟିତ୍ୱ କିଶନନଗର ତହସିଲଦାରଙ୍କୁ ପ୍ରଦାନ କରିଥିବାରୁ ଠିକ୍ ତଥ୍ୟ ପଦାକୁ ଆସିପାରିବ ନାହିଁ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହା ଉପରେ ତଦନ୍ତ କରାଯିବ ବୋଲି ଆରଡିସି କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଥିବା ପୂର୍ବତନ ସମିତି ସଭ୍ୟ ପ୍ରଧାନ କହିଛନ୍ତି।

■ ଆଜିଠୁ ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରା

# ମାଥିଲି ଗଲେ କଟକର ୨୦ ପଦଯାତ୍ରୀ

**କଟକ ଅଫିସ,୧୦।୧୦**

ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟ ବ୍ୟାପୀ ତିନୋଟି ପର୍ଯ୍ୟାୟରେ ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହେବ। ମାଲକାନାଗିରିର ମାଥିଲିରୁ ଆରମ୍ଭ ହେବାକୁ ଥିବା ଏହି ପଦଯାତ୍ରାରେ କଟକର ୨୦ଜଣ ପଦଯାତ୍ରୀ ଅଂଶଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରୁ ୨୦ଜଣ ପଦଯାତ୍ରୀ ମାଥିଲି ଅଭିମୁଖେ ବାହାରିଛନ୍ତି। ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି ଏହାର ନେତୃତ୍ୱ ନେଉଛନ୍ତି। ମାଥିଲିରୁ ଏହି ଯାତ୍ରା ଆରମ୍ଭ ହୋଇ ୧୧ଟି ଜିଲା ଅତିକ୍ରମ କରି ଯାଜପୁରର ବାଲିପଡ଼ିଆସ୍ଥିତ ଠକର ବାପା ଆଶ୍ରମଠାରେ ଶେଷହେବ। ଡା. ବିଶ୍ୱଜିତ ଏହି ଯାତ୍ରାର ସଂଯୋଜକ ରହିଛନ୍ତି। ଏହି ଯାତ୍ରାରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସଂଯୋଜକ ସୂର୍ଯ୍ୟନାରାୟଣ ନାଥ, ମାନସ ପଟ୍ଟନାୟକ, ସୋନାଲି ମିଶ୍ର, ପ୍ରଦ୍ୟୁମ୍ନ, ଶୁଭଶ୍ରୀ, ପ୍ରିୟଙ୍କା, ଅରବିନ୍ଦ, ସୌମ୍ୟରଞ୍ଜନ, ଫୁଲଲତା, ସତ୍ୟନାରାୟଣ, ରିତ ଦେହୁରୀ ଓ ମଧ୍ୟପ୍ରଦେଶରୁ ଆସିଥିବା ଇସ୍ତାକ ଖାଁ ସାମିଲ ହୋଇଛନ୍ତି। ଗୁରୁବାର ଗାନ୍ଧୀ ଭବନଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉପସ୍ଥିତ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତି, ଗାନ୍ଧୀ ସ୍ମାରକ ନିଧିର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ସତ୍ୟ ରାୟ, ଜୟନ୍ତୀ ମଞ୍ଜରୀ ରଥ, ସମତା ମଞ୍ଚର ଚିତ୍ତ ମହାନ୍ତି, ଯୁଗୋଳ କିଶୋର ନାୟକ, ସଂଗ୍ରାମୀ ଫୋରମର ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ପଦଯାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ମିହିର ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।



ଗଙ୍ଗାମନ୍ଦିର ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ ପୂର୍ବରୁ କଟକ ସହର ପରିକ୍ରମା କରାଯାଇଛି।

# ଦାବି ପୂରଣ ନ ହେଲେ ପୌର ନିର୍ବାଚନ ବର୍ଜନ ହେବ

**କଟକ ଅଫିସ, ୧୦।୧୦**

ଓଡ଼ିଶା ପୌର ଅସ୍ଥାୟୀ କର୍ମଚାରୀ ମହାସଂଘ ପକ୍ଷରୁ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହାସଂଘର କାର୍ଯ୍ୟକାରୀ ସଭାପତି ଅମର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅସ୍ଥାୟୀ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ଓଡ଼ିଶାର ସମସ୍ତ ଏନ୍‌ଏସି, ମ୍ୟୁନିସିପାଲିଟି, କର୍ପୋରେଶନର କର୍ମକର୍ତ୍ତା ଯୋଗଦେଇଥିଲେ। ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ୱଳ୍ପ ଦରମା ପ୍ରଦାନ କରାଯାଉଥିବାବେଳେ ସ୍ଥାୟୀ କରାଯାଉନାହିଁ। ଫଳରେ ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ କଷ୍ଟସାଧ ହେଉଛି। ଓଡ଼ିଶାର ୩୮୦୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ବାରମ୍ବାର ବିକ୍ଷୋଭ, ଘେରାଉ, କାର୍ଯ୍ୟବନ୍ଦ କରିବା ସଙ୍ଗେ ସଙ୍ଗେ ନଗର ଉନ୍ନୟନ ଓ ଅର୍ଥମନ୍ତ୍ରୀ, ନଗର ଉନ୍ନୟନ ସଚିବ, ଅର୍ଥ ସଚିବ ଓ ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ସେମାନଙ୍କର ଦାବି ପୂରଣ ହୋଇପାରି ନାହିଁ। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବା ସହ ଆସନ୍ତା ପୌର ନିର୍ବାଚନକୁ ବର୍ଜନ କରାଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ନଗର ଉନ୍ନୟନ ମନ୍ତ୍ରୀଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ଏହି ସଭାରେ ସଂଘ ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ଗୁରୁ, ଅନୁଗୋଳରୁ ପ୍ରଦୀପ ସାହୁ, ଭଦ୍ରକରୁ ପ୍ରଦୀପ ସାହୁ, କଟକରୁ ରବୀନ୍ଦ୍ର ନାଥ ସାହୁ, ଜଗତ୍‌ସିଂହପୁରରୁ ସୁଦର୍ଶନ ଭୋଇ, ପାରାଦୀପରୁ ସୁବାସ ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।

-ଲେନିନ୍



## ସଂକ୍ଷେପରେ

### ମୋବାଇଲ୍ ଲୁଟେରାଙ୍କୁ କାବୁକରି ପିଟିଲେ ୨ ଯୁବତୀ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ):** ମୋବାଇଲ୍ ଲୁଟି ନେଇ ଫେରାର ହେବାକୁ ଉଦ୍ୟମ କରୁଥିବା ଜଣେ ଲୁଟେରାଙ୍କୁ କାବୁ କରି ନିର୍ଘାତ ୨ ଯୁବତୀ ପିଟିଛନ୍ତି। ଏଭଳି ଘଟଣା ନୟାପଲ୍ଲୀ ଥାନା ମଇଳାଟାଙ୍କି ଛକରେ ଦେଖିବାକୁ ମିଳିଛି। ଏପରିକି ପୋଲିସ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହାସହ ଲୁଟ୍ ମୋବାଇଲ୍‌କୁ ପୋଲିସ ଜବତ କରିଛି। ଏ ନେଇ ଯୁବତୀ ଜଣଙ୍କ କୌଣସି ଅଭିଯୋଗ କରି ନ ଥିବା ପୋଲିସ କହିଛି। ଅଟକ ଯୁବକ ଜଣେ ପେଶାଦାର ଲୁଟେରା ବୋଲି ତଦନ୍ତରୁ ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ଦୁଇ ଯୁବତୀ ମଇଳାଟାଙ୍କି ଦେଇ ଯାଉଥିବା ବେଳେ ଜଣେ ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କଠାରୁ ମୋବାଇଲ୍ ଲୁଟି ନେଇଥିଲେ। ହେଲେ ଦୁଇ ଯୁବତୀ ଲୁଟେରାଙ୍କୁ ଗୋଡାଇ କାବୁ କରି ନିର୍ଘାତ ଛେଚିଥିଲେ। ଏପରି କି ଲୁଟେରାଙ୍କୁ ସ୍ଥାନୀୟ ଲୋକେ ମଧ ମାଡ ମାରିଥିଲେ।

ଅସ୍ଥାୟୀ ବିସର୍ଜନ ପୋଖରୀରେ କୁଢ଼ କୁଢ଼ ପଲିଥିନ

### ପ୍ଲାଷ୍ଟିକ ବର୍ଜନ ପାଣିର ଗାର

**ପୁରୁଣା ଭୁବନେଶ୍ୱର, ୧୦। ୧୦ (ଡି.ଏନ.ଏ.)-** ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ୍ ଓ ପଲିଥିନ ବର୍ଜନକୁ ସମର୍ଥନ କରି ଚଳିତବର୍ଷ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ସମର୍ଥନ ଜଣାଇଥିଲେ। ପାର୍ବଣ ଅବସରରେ ପୂଜା ମଣ୍ଡପ କର୍ମକର୍ତ୍ତାମାନେ ପ୍ଲାଷ୍ଟିକ୍ ଓ ପଲିଥିନ୍ ବଦଳରେ ପାରମ୍ପରିକ ବାଉଁଶ ନିର୍ମିତ ଡ଼ାଲା ଓ ବାଉଁଶିଆ ବ୍ୟବହାର ଉପରେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ମାତ୍ର ବିସର୍ଜନ ସମୟରେ ଅସ୍ଥାୟୀ ପୋଖରୀରେ କୁଢ କୁଢ ପ୍ଲାଷ୍ଟିକ ବୋତଲ, ଗ୍ଲାସ ଓ ପଲିଥିନ୍ ଦେଖିଲେ ଏସବୁ ପାର୍ବଣ ସମୟରେ ବାହୁସ୍ଫୋଟ ମାରିଲା ଭଳି ଜଣାପଡ଼ିଥିଲା। ବିସର୍ଜନ ସମୟରେ ରାସ୍ତାଘାଟ ସବୁଆଡ଼େ ପଲିଥିନ୍ ଓ ପ୍ଲାଷ୍ଟିକ ବୋତଲ ଏଣେତେଣେ ପଡିଥିଲା। ଲୋକଙ୍କ ମତରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ସହ ମୂର୍ତ୍ତିଗୁଡ଼ିକରେ ବ୍ୟବହୃତ ହୋଇଥିବା ବିଭିନ୍ନ କେମିକାଲ କାରଣରୁ ବର୍ତ୍ତମାନ ଦୟାନଦୀ ବିସର୍ଜନ ଘାଟ କୂଳ ପ୍ରଦୂଷିତ ହେବାରେ ଲାଗିଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଅସ୍ଥାୟୀ ପୋଖରୀରୁ ଏହିସବୁ ପ୍ଲାଷ୍ଟିକ୍, ପଲିଥିନ୍ ସହ କେମିକାଲ ମିଶ୍ରିତ ଜଳ କିଭଳି ମୁଖ୍ୟନଦୀରେ ନ ମିଶିବ ଏଥିପ୍ରତି ନଦୀ କୂଳ ବାସିନ୍ଦା ଦାବି କରିଛନ୍ତି।

### ଉତ୍କଳମଣି ଜୟନ୍ତୀ

**ଖୋର୍ଦ୍ଧା ଅଫିସ, ୧୦।୧୦:** ଅଲ ଇଣ୍ଡିଆ ଡିଏସ୍ଓ ଖୋର୍ଦ୍ଧା ଲୋକାଲ କମିଟି ଓ ବସ୍ତି ଉଚ୍ଛେଦ ପ୍ରତିରୋଧ ସଂଗ୍ରାମୀ ମଞ୍ଚ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ସିଡିଏମ୍ଓ ଅଫିସ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଡିଏସ୍ଓ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ଐତିହାସିକ ନାରାୟଣ ରାଓ, ପ୍ରଫୁଲ୍ଲ ସାମନ୍ତରାୟ, ଓଁମ ଶଙ୍କର ମହାନ୍ତି ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଉପରେ ଟିପ୍ପଣି ଦେଇଥିଲେ। ସେହିଭଳି ବସ୍ତି ଉଚ୍ଛେଦ ପ୍ରତିରୋଧ ସଂଗ୍ରାମୀ ମଞ୍ଚ ପକ୍ଷରୁ ନୂଆବସ୍ଷ୍ଟାଣ୍ଡଠାରେ ବସ୍ତି ସଂଘର ସମ୍ପାଦକ କାର୍ତ୍ତିକ ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତ, ଆଇନଜୀବୀ ବିକ୍ରମ ଚମ୍ପତି, ବସ୍ତି ସଂଘର ସଭାପତି ଅଶୋକ ସାହୁ, ଛାତ୍ରନେତା ଜୟନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ।

## ଜିଲାପାଳଙ୍କ ଅଚାନକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

# ରୋଗୀଙ୍କୁ ଭେଟି ପଚାରିଲେ ଅସୁବିଧାର କାରଣ

**ଖୋର୍ଦ୍ଧା ଅଫିସ, ୧୦।୧୦**

ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତ ବୁଧବାର ଅଚାନକ ଜିଲା ମୁଖ୍ୟ ଚିକିତ୍ସାଳୟର ଆଉଟ୍‌ଡୋର ଓ ଇନ୍‌ଡୋର ପରିଦର୍ଶନ କଲେ। ରୋଗୀଙ୍କୁ ନିରାମୟ ଔଷଧ ମିଳୁଛି କି ନାହିଁ ପଚାରି ବୁଝିଲେ। ରୋଗୀଙ୍କ ସୁବିଧା ଅସୁବିଧା ନେଇ ପଚାରିଥିଲେ। କେତେଜଣ ରୋଗୀ ଠିକ୍ ଭାବେ ନିରାମୟ ଔଷଧ ପାଉ ନ ଥିବା କହିଥିଲେ। ଆଉ କେତେଜଣ ନିରାମୟ ଔଷଧ ପାଇବାରେ ବହୁ ସମୟ ଧାଡି କରି ଅପେକ୍ଷା କରିବାକୁ ପଡୁଥିବା ଦର୍ଶାଇଥିଲେ। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଞ୍ଚଳରେ କେତେକ ଅଣପଞ୍ଜୀକୃତ ପାଥୋଲିଜ୍ ଚାଲୁଥିବା ସ୍ୱାସ୍ଥ୍ୟ ବିଭାଗ ଚିହ୍ନଟ କରିଛି। ଉକ୍ତ ଅନୁଷ୍ଠାନର ମାଲିକ, କର୍ମଚାରୀଙ୍କୁ ଜିଲାପାଳ ଭେଟି ପାଥୋଲିଜ୍‌କୁ ପଞ୍ଜୀକୃତ କରାଇ ଚଳାଇବାକୁ ପରାମର୍ଶ ଦେଇଥିଲେ।

### ୭୫ ସ୍ଥାନରେ ୩୨ ଡାକ୍ତର

ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୫ ଡାକ୍ତର ସ୍ଥାନରେ ୩୨ ଡାକ୍ତର ଅଛନ୍ତି। ଅଧିକ ଡାକ୍ତରଙ୍କ ଆବଶ୍ୟକତା ଥିଲେ ମଧ ଖାଲିଥିବା ପଦବୀ ପୂରଣ କରାଯାଉନି। ଅନ୍ୟପକ୍ଷେ ଯେତିକି ଡାକ୍ତର ଅଛନ୍ତି ସେମାନଙ୍କ ମଧ୍ୟରୁ ଏକାଧିକ ଠିକ୍ ସେବା ଯୋଗାଉନାହାନ୍ତି। ଏପରି ଅଭିଯୋଗ ହୋଇ ଆସୁଥିଲେ ମଧ ପ୍ରତିକାର କରାଯାଉ ନ ଥିବାର ଅଭିଯୋଗ ରହିଛି। ଏଭଳିସ୍ଥଳେ ଡାକ୍ତର ଠକ୍ ସେବା ଯୋଗାଉ ନାହାନ୍ତି ବୋଲି କେତେଜଣ ରୋଗୀ ଜିଲାପାଳଙ୍କୁ ପରିଦର୍ଶନ ସମୟରେ ଫେରାଦ୍ ହୋଇଛନ୍ତି।

**ଅଣପଞ୍ଜୀକୃତ ପାଥୋଲିଜ୍ ମାଲିକଙ୍କୁ ତାଗିଦ୍**



ଜିଲାପାଳ ଚିକିତ୍ସାଳୟ ପରିଦର୍ଶନ ସମୟରେ ରୋଗୀଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି।

### ସ୍ଥାନାନ୍ତର ହେବ ନିରାମୟ୍ କାଉଣ୍ଟର

ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗୋଟିଏ ସ୍ଥାନରେ ପାଖାପାଖି ନିରାମୟ ଔଷଧ ବିତରଣ କେନ୍ଦ୍ର, ରେଜିଷ୍ଟ୍ରେଶନ କାଉଣ୍ଟର, ଜନଔଷଧି କାଉଣ୍ଟର ରହିଛି। ପ୍ରତି କାଉଣ୍ଟରରେ ପ୍ରାୟ ଧାଡି ଲାଗି ରହୁଛି। ଏଣୁ ରୋଗୀ ସବୁବେଳେ ହଟହଟା ହେଉଛନ୍ତି। ଏଣୁ ନିରାମୟ ଔଷଧ ବିତରଣ କେନ୍ଦ୍ର ସ୍ଥାନାନ୍ତର ହେବାର ରହିଛି। ଏଭଳିସ୍ଥଳେ ଜିଲାପାଳଙ୍କ ପରିଦର୍ଶନ ସମୟରେ କେତେଜଣ ରୋଗୀ ଏ ପ୍ରସଙ୍ଗ ଉଠାଇ ସେମାନେ କିପରି ବହୁ ସମୟ ଧରି ଧାଡି ହୋଇ ଠିଆ ହେଉଛନ୍ତି ସେ ସମ୍ପର୍କରେ ଅଭିଯୋଗ ରଖିଥିଲେ। ରୋଗୀଙ୍କ ଅଭିଯୋଗକୁ ଭିତ୍ତିକରି ଜିଲାପାଳ ସିଡିଏମ୍ଓଙ୍କ ସହ ନିରାମୟ ଔଷଧ ବିତରଣ କେନ୍ଦ୍ର ଅନ୍ୟତ୍ର କରିବାକୁ ସ୍ଥାନ ଚିହ୍ନଟ ପାଇଁ ଅନୁଧ୍ୟାନ କରିଥିଲେ।

### ମୋ ସରକାର କାର୍ଯ୍ୟକ୍ରମ ସମୀକ୍ଷା

୫ଟି ସଚିବ ଭି. କେ. ପାଣ୍ଡିଆନ ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି। ଏହି ସମୀକ୍ଷାରେ ରୋଗୀସେବା ଓ ଔଷଧ ଯୋଗାଣ ଉପରେ ପଚାରି ବୁଝୁଛନ୍ତି। ନିକଟରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପଡି ପାରେ। ଆଗରୁ ସମୀକ୍ଷା, ଯାଞ୍ଚ କରି ନ ଥିଲେ ସମସ୍ୟା ସୃଷ୍ଟି ହୋଇପାରେ। ଏଣୁ ଜିଲାପାଳ ଆଗରୁ ପରିଦର୍ଶନ କରୁଥିବା ଆଲୋଚନା ହେଉଛି।

## ବିପଦସଙ୍କୁଳ ଭାବେ ରେଳ ଧାରଣାରେ ବାଇକ୍ ଚାଳନା

# ଧକ୍କାଦେଲା ଟ୍ରେନ୍, ବଡ଼ ଦୁର୍ଘଟଣା ଟଳିଲା: ବାଇକ୍ ଚାଳକ ଗିରଫ

**କଟଣୀ,୧୦।୧୦(ଡି.ଏନ.ଏ.):**



ରେଳ ଧାରଣା ଯାଇଥିବା ବ୍ରିଜ୍ ଉପରେ ବାଇକ୍ ଚଳାଇ ନେଉଥିବା ଜଣେ ବ୍ୟକ୍ତି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହାଛଡ଼ା ବଡ଼ ଧରଣର ଟ୍ରେନ୍ ଦୁର୍ଘଟଣା ଏଡାଇ ହୋଇଯାଇଛି। ସୌଭାଗ୍ୟକୁ କୌଣସି ଅଘଟଣ ଘଟି ନ ଥିଲା। ନିଜର ଓ ଶତାଧିକ ଟ୍ରେନ୍‌ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବା ଜାଣି ରେଳ ଧାରଣା ଉପରେ ବାଇକ୍ ନେଇ ଯାଉଥିବା ଚାଳକକୁ ଖୋର୍ଦ୍ଧାରୋଡ଼ ଆର୍‌ପିଏଫ୍ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ବାଇକ୍ ଚାଳକଙ୍କ ନାମ ନବଘନ ସାହୁ। ଡେଲାଙ୍ଗ ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ତାଙ୍କ ଘର। ପୁରୀ ସେକ୍‌ସନ୍‌ର ମୋଟରି ଓ ହରିପୁର ଷ୍ଟେଶନ ମଧ୍ୟବର୍ତ୍ତୀ ଅରାଗଡ଼ ଜୋର ଉପରେ ଥିବା ରେଳ ବ୍ରିଜ୍‌ରେ ମଙ୍ଗଳବାର ରାତିରେ ଏହା ଘଟିଥିଲା। ଘରୁ ନବ ବାଇକ୍ ନେଇ ରେଳ ଧାରଣା ପାର୍ଶ୍ୱରେ ଥିବା ମାତ୍ର ଦୁଇଫୁଟ ଓସାରର ସଂକୁଚିତ ସ୍ଥାନ ଦେଇ ଯାଉଥିବା ବେଳେ ପୁରୀ-ହାୱଡା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଦ୍ରୁତଗତିରେ ମାଡ଼ି ଆସିଥିଲା। ଅନ୍ୟ ଉପାୟ ନ ପାଇ ରେଳ ଧାରଣାରେ ବାଇକ୍ ଛାଡ଼ି ନବଘନ ବ୍ରିଜ ତଳକୁ ଡେଇଁ ପଡ଼ିଥିଲେ। ଟ୍ରେନ୍‌ଟି ବାଇକ୍‌ଟିକୁ ଧକ୍କା ଦେବା ସହ କିଛିବାଟ ଘୋଷାରି ନେଇଥିଲା। ଫଳରେ ଟ୍ରେନ୍ ଅଟକି ରହି ଏକ ଘଣ୍ଟା ବିଳମ୍ବରେ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ଖବରପାଇ ଆର୍‌ପିଏଫ୍ ତଦନ୍ତ ଆରମ୍ଭ କରି ବାଇକ୍‌ର କିଛି ଭଗ୍ନାଂଶ ଘଟଣାସ୍ଥଳରୁ ପାଇବା ସହ ଚାଳକ ନବଘନକୁ ଧରିଥିଲା। ଅଭିଯୁକ୍ତଙ୍କ ବୟାନକୁ ଆଧାର କରି ଲୁଚାଇ ରଖିଥିବା ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଏକ ସ୍ଥାନରୁ ଆର୍‌ପିଏଫ୍ ଜବତ କରିଥିଲେ। ଏପରି ବିପଦସଙ୍କୁଳ ଭାବେ ରେଳ ଧାରଣା ଉପରେ କୌଣସି ଯାନବାହନ ଚଳାଚଳ ନ କରିବା ପାଇଁ ବାରମ୍ବାର ରେଳପଥ ପକ୍ଷରୁ ସଚେତନ କରାଯାଉଥିଲେ ମଧ କେତେଜଣ ବ୍ୟକ୍ତି ଏପରି କାର୍ଯ୍ୟ କରି ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଆର୍‌ପିଏଫ୍ ଇନ୍ସପେକ୍ଟର ବି.ଡି. ବାରିକ କହିଛନ୍ତି। ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଉଥିବା ସେ କହିଛନ୍ତି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ବନ ବିଭାଗ ପକ୍ଷରୁ ହାତୀ ଓ ଫସଲ ସୁରକ୍ଷା କର୍ମଶାଳା

**ନିରାକାରପୁର,୧୦।୧୦ (ଡି.ଏନ.ଏ.)**

ହାତୀପଲ ଗାଁ ଗଣ୍ଡା ଓ ଚାଷ ଜମିରେ ପଶି ଉତ୍ପାତ କରିବା ସହିତ ଧନଜୀବନ ହାନି ଘଟାଉଛନ୍ତି । ଏ ନେଇ ଗୁରୁବାର ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଟାଙ୍ଗୀ ବନ ବିଭାଗ ପକ୍ଷରୁ ହାତୀ ଓ ଫସଲ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାତଗଣତି କିଛି ଚାଷୀ ଉପସ୍ଥିତ ଥିବାବେଳେ କ୍ଷତିଗ୍ରସ୍ତ ଅନେକ ଚାଷୀଙ୍କୁ ଡକାଯାଇ ନ ଥିବା ଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ କର୍ମଶାଳାରେ ଟାଙ୍ଗୀ ବନ ଅଧିକାରୀଙ୍କୁ ଉପସ୍ଥିତ କିଛି ଲୋକ ସେମାନଙ୍କୁ ବିଗତ ଦିନରେ ହାତୀ କ୍ଷୟକ୍ଷତିର ଭରଣା ମିଳି ନଥିବା ଅଭିଯୋଗ କରିଥିଲେ। ହାତୀ ହେଉଛନ୍ତି ଆମର ଜାତୀୟ ସମ୍ପତ୍ତି ତାକୁ କିପରି ସୁରକ୍ଷା ଦେବା,ଘଉଡାଇ ନେବା ସେ ସମ୍ପର୍କରେ ବନ ଅଧିକାରୀ ଅଜୟ କୁମାର ଜଗଦେବ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କ ପକ୍ଷରୁ ଟ୍ରେଞ୍ଚ୍ ଖୋଳିବା ଓ ସୋଲାର ଲାଇଟ ଲଗାଇବା ପାଇଁ କୁହାଯାଇଥିଲା।



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

### ବାଙ୍କୋଇରେ ସତ୍ୟନାରାୟଣ ପୂଜା ଉତ୍ସବ

**ବୋଲଗଡ଼,୧୦।୧୦(ଡି.ଏନ.ଏ.):**

ଶାରଦୀୟ ପୂଜା ଅବସରରେ ବୋଲଗଡ଼ ବ୍ଲକ ବାଙ୍କୋଇ କଚେରିବରଠାରେ ଅନୁଷ୍ଠିତ ହୋଇଛି ୩୯ତମ ସତ୍ୟନାରାୟଣ ପୂଜା ଉତ୍ସବ। ଏଥିପାଇଁ ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି ବାଦିପାଲା। ଗ୍ରାମର ବରିଷ୍ଠ ଶିକ୍ଷାବିତ୍, ସାମାଜିକ କର୍ମୀ ଓ ଯୁବକ ସଂଘ ପକ୍ଷରୁ ଏହି ଉତ୍ସବ ପ୍ରତିବର୍ଷ ଆୟୋଜିତ ହେଉଛି। ରବିବାର ରାତି ପର୍ଯ୍ୟନ୍ତ ଏହା ଚାଲୁରହିବ ବୋଲି ଆୟୋଜକଙ୍କ ପକ୍ଷରୁ ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ ସୂଚନା ଦେଇଛନ୍ତି। କଟକ ଜିଲା ଗୋପୀନାଥପୁର ଶାସନର ଗାୟକ ଗୁଣନିଧି ବସନ୍ତ କୁମାର ମିଶ୍ର ଓ ପୁରୀ ଜିଲା ବ୍ରହ୍ମଗିରି ପଲ୍ଲୀ ଗ୍ରାମର ଗାୟକ ଭାର୍ଗବ ହିମାଂଶୁ କୁମାର ବରାଳ ବାଦିପାଲା ପରିବେଷଣ କରୁଛନ୍ତି। ଏହାକୁ ଉପଭୋଗ କରିବା ପାଇଁ ବିଭିନ୍ନ ଗ୍ରାମରୁ ବହୁସଂଖ୍ୟାରେ ପାଲାପ୍ରେମୀଙ୍କ ସମାଗମ ହେଉଛି।

### ଟାଙ୍ଗୀରେ ଭଜନ ସମାରୋହ, ରାବଣପୋଡ଼ି

**ଟାଙ୍ଗୀ (ଖୋର୍ଦ୍ଧା), ୧୦।୧୦(ଡି.ଏନ.ଏକ୍ଷ.)**

ଟାଙ୍ଗୀ ବଜାର କମିଟି ତରଫରୁ ଚିଲିକା ଛକ ଦୁର୍ଗାମଣ୍ଡପଠାରେ ଆୟୋଜିତ ମା' ଦୁର୍ଗାଙ୍କର ଦଶହରା ଉତ୍ସବ ପାଳନର ଅନ୍ତିମ ଦିବସ ବୁଧବାରରେ ଏକ ଭଜନ ସମାରୋହ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ ଅନନ୍ୟା ସାହୁ ଓ ଅନ୍ୟମାନେ ଭଜନ ପରିବେଷଣ କରିଥିଲେ । ଏହି ସମାରୋହରେ ଚିଲିକା ବିଧାୟକ ତଥା ଜିଲା ଯୋଜନାବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ଓ ଖୋର୍ଦ୍ଧା ଜିଲା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ଗାପୂଜା କମିଟି ତରଫରୁ ବଳରାମଦେବ ବିଦ୍ୟାପୀଠ ଓ ଟାଙ୍ଗୀ ବାଳିକା ହାଇସ୍କୁଲରୁ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଧ୍ୟରାତ୍ରିରେ ସ୍ଥାନୀୟ ଚିଲିକା ଷ୍ଟାଡିୟମ ପରିସରରେ ମା' ଦୁର୍ଗା ଆସୋସିଏଶନ ତରଫରୁ ରାବଣପୋଡି ଉତ୍ସବ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ସମାହିତ ହୋଇଥିଲା । ଟାଙ୍ଗୀ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ ୪୦ ଫୁଟ ବିଶିଷ୍ଟ ରାବଣର ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ଆସୋସିଏଶନର ସଭାପତି ମାନସ ରଞ୍ଜନ ପାତ୍ର, ସମ୍ପାଦକ ରାକେଶ ବେହେରା ଓ ସଭ୍ୟ ଜଗବନ୍ଧୁ ନାୟକଙ୍କ ସମେତ ଆସୋସିଏଶନର ସମସ୍ତ ସଭ୍ୟ ସକ୍ରିୟ ସହଯୋଗ କରିଥିଲେ ।



ମା' ଦୁର୍ଗା ଆସୋସିଏଶନ ପକ୍ଷରୁ ବୁଧବାର ରାବଣ ପୋଡା ଯିବାକୁ ରଖାଯାଇଛି।

# ପାଣି ପାଉଚ ଭିତରେ ଭାସୁଛି ମଇଳା

**ନିରାକାରପୁର, ୧୦।୧୦ (ଡି. ଏନ. ଏ.)**

ପିଇବା ପାଣି ପାଉଚ ପ୍ୟାକେଟ ଭିତରେ ଭାସୁଛି କିଛି ମଇଳା ପଦାର୍ଥ। ଗୁରୁବାର ପାଣି ପିଇବାକୁ ଯାଇ ଜଣେ ଯୁବକ ଏହା ଦେଖିବାକୁ ପାଇଥିଲେ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ରାମ ବଜାରକୁ ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମର ଅଜୟ ବଳିଆରସିଂହ ନାମକ ଜଣେ ଯୁବକ ଆସିଥିଲେ। ସେ ସେଠାରେ ଥିବା ଏକ ପାନ ଦୋକାନରୁ ପାଣି ପାଉଚ କିଣି ପିଇବାକୁ ଗଲାବେଳେ ତା' ଭିତରେ ଜେଲି ଭଳିଆ କିଛି ମଇଳା ଭାସୁଥିବାର ଦେଖି ସେ ଦୋକାନୀଙ୍କୁ ଅଭିଯୋଗ କରିଥିଲେ। ଆମେ କ'ଣ କରିବୁ କମ୍ପାନୀ ଯାହା ଦେଉଛି ଆମେ ତାକୁ ବେପାର କରୁଛୁ ବୋଲି ଦୋକାନୀ କହିଥିଲେ। ଏନେଇ ପାଣି ପାଉଚରେ ଲେଖା ଥିବା କମ୍ପାନୀ ନମ୍ବରକୁ ସମ୍ପୃକ୍ତ ଯୁବକ ଫୋନ କରିଥିଲେ ମଧ୍ୟ କେହି ଉଠାଇ ନ ଥିଲେ ବୋଲି ସେ କହିଛନ୍ତି।



ପାଉଚ ପାଣି ପ୍ୟାକେଟରେ ମଇଳା ଭାସୁଛି।

### ଦୁର୍ଗାମେଢ଼ ଭସାଣି ଉତ୍ସବ

**ବୋଲଗଡ଼,୧୦।୧୦(ଡି.ଏନ.ଏ.):**

ବୋଲଗଡ଼ ବ୍ଲକର ବାଙ୍କୋଇ, ବୋଲଗଡ଼, ମାଣିକଗୋଡା, ଧଳାପଥର, ସାଗରଗାଁ, ପିଚୁକୁଳି ଆଦି ସ୍ଥାନରେ ମା' ଦୁର୍ଗାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହିସବୁ ସ୍ଥାନରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଇଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ବାଜା, ବାଣ ଓ ପଟୁଆର କରାଯାଇ ମା'ଙ୍କୁ ମେଲାଣି ଦିଆଯାଇଛି।

### ବିସ୍ଫୋରକ ଉପକରଣ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ, ୧୦।୧୦:**

ଖୋର୍ଦ୍ଧା ଜିଲା ଲିଖନପୁର ଗାଁରୁ ବାଘମାରୀ ଥାନା ପୋଲିସ ଲକ୍ଷାଧିକ ଟଙ୍କାର ବାଣ ତିଆରିଉପକରଣ ଗୁରୁବାର ପୂର୍ବାହ୍ଣରେ ଜବତ କରିଛି। ଏହି ଗାଁରୁ ବାରୁଦ ୯ କିଗ୍ରା, ମେଟାଲ ପାଉଡର ୧୧ କିଗ୍ରା ୪୦୫ ଗ୍ରାମ, ଧଳା ରଙ୍ଗର ନାଇଟ୍ରୋଜେନ୍ ୫ କିଗ୍ରା ୫୪୫ ଗ୍ରାମ ଜବତ କରିଛି। ସେହିପରି ପେପର ପାଇପ ୨୩ଟି, ୭ ବଣ୍ଡଲ ପେପର ଷ୍ଟ୍ର ଅନୁରୂପ ଭାବେ ଜବତ ହୋଇଛି। ବେଆଇନ ବାଣ ତିଆରି ଅଭିଯୋଗରେ ଲେଖନପୁର ଗାଁର ଗୌରାଙ୍ଗ ପଟ୍ଟନାୟକ(୫୫)ଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଗୌରାଙ୍ଗଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୋଲିସ ନଂ. ୫୦/୧୯ରେ ମାମଲା ରୁଜୁ କରି ପ୍ରତି ବିସ୍ଫୋରକ ସାମଗ୍ରୀର ୨୫୦ ଗ୍ରାମ ସାମ୍ପୁଲ ଜବତ କରି ଭୁବନେଶ୍ୱର ରାସାୟନିକ ପରୀକ୍ଷାଗାରକୁ ପରୀକ୍ଷଣ ପାଇଁ ପଠାଇବ ବୋଲି ସୂଚନା ଦେଇଛି।

## ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

# ରାଷ୍ଟ୍ରୀୟ ସମ୍ମିଳନୀରେ ଯୋଗଦେବାକୁ ଆହ୍ୱାନ

**ବୋଲଗଡ଼,୧୦।୧୦(ଡି.ଏନ.ଏ.):**

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ନଭେମ୍ବର ୬ ତାରିଖରେ ଭୁବନେଶ୍ୱର ବରମୁଣ୍ଡାଠାରେ ରାଷ୍ଟ୍ରୀୟ କୃଷକ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ବହୁ ସଂଖ୍ୟାରେ କୃଷକ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି। ବୋଲଗଡ଼ ବ୍ଲକ ଅସରଳା ପଞ୍ଚାୟତ ପୁଆଣିଆଠାରେ ଗୁରୁବାର ସଂଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ କୁମାର ମାନସିଂହଙ୍କ ଆବାହକତ୍ୱରେଏହା ଆୟୋଜିତ ହୋଇଥିଲା। ବୈଠକରେ ନଭେମ୍ବରରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଷ୍ଟ୍ରୀୟ ସମ୍ମିଳନୀରେ ଗାନ୍ଧୀବାଦୀ ସାମାଜିକ କର୍ମୀ ଆନ୍ନା ହଜାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ବିଭିନ୍ନ ଗ୍ରାମରୁ ବହୁସଂଖ୍ୟାରେ ଚାଷୀ ଯୋଗଦେବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟରେ ମୋଟ ଜନସଂଖ୍ୟାର ଶତକଡା ୭୦ ଭାଗରୁ ଉର୍ଦ୍ଧ୍ୱ ପରିବାର କୃଷି ଉପରେ ନିର୍ଭର କରିଥାନ୍ତି। ତେଣୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଠିକ୍ ମୂଲ୍ୟ ପ୍ରଦାନ, ଚାଷୀକୁଳକୁ ସରକାରୀ ସ୍ତରରେ ଉଚିତ ସମ୍ମାନ, ସଂଗଠନର ଦାବି ଅନୁସାରେ ପେନ୍‌ସନ ଯୋଗାଇଦେବାକୁ ବୈଠକରେ ମତପ୍ରକାଶ ପାଇଥିଲା।



ବୈଠକରେ ଯୋଗ ଦେଇଥିବା କୃଷକମାନେ।

## ଚୋଟି ପାଳଙ୍ଗ- ଲେହେଙ୍ଗ ରାସ୍ତା ବିପର୍ଯ୍ୟସ୍ତ

# ଦୁଇବର୍ଷ ପୂରିଲାନି ଭାଙ୍ଗିଗଲା ଢଳେଇ

**ବେଗୁନିଆ, ୧୦। ୧୦ (ଡି.ଏନ.ଏ.)-**

ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ଚୋଟିପାଳଙ୍ଗରୁ ଲେହେଙ୍ଗ ଗାଁକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକର ଢଳେଇ ଫାଟି ଆଁ କଲାଣି। ଏଥିଯୋଗୁ ଦୀର୍ଘ ୨ ବର୍ଷ ହେଲା ଯାତ୍ରୀ ହୀନସ୍ତା ହେଉଛନ୍ତି। ଫଳରେ ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାକୁ କର୍ଣ୍ଣପାତ କରୁନାହିଁ। ଏହାକୁ ନେଇ ଜନ ଆନ୍ଦୋଳନ ମୁଣ୍ଡ ଟେକୁଛି। ୨୦୧୫-୧୬ ଆର୍ଥିକ ବର୍ଷରେ ନିର୍ମାଣ ହୋଇଥିବା ଏହି ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ଉଠିଥିଲା। ଉକ୍ତ ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ଗୋଟିଏ ପାର୍ଶ୍ୱରେ ଜମିରୁ ବିପରୀତ ପାର୍ଶ୍ୱ ଜମିକୁ ଜଳ ନିଷ୍କାସନ କରିବାକୁ ଏକ ସିମେଣ୍ଟ ଢଳେଇ ନିର୍ମାଣ କରାଯାଇଥିଲା। ନିର୍ମାଣ ସମୟରେ ଆବଶ୍ୟକ କଞ୍ଚାମାଲର ପରିମାଣ କମ୍ ଦିଆଯାଉଥିବା ଅଭିଯୋଗ ଉଠିଥିଲା। ବିଭାଗୀୟ ଯନ୍ତ୍ରୀ ଏହାକୁ କର୍ଣ୍ଣପାତ ନ କରି ଠିକାଦାରଙ୍କୁ ଅନୁକମ୍ପା ଦେଖାଇଥିଲେ ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ଦ୍ୱାରା ଅବଗତ କରାଇଛନ୍ତି। ମାତ୍ର ଏବେ ଦୁଇବର୍ଷ ହେଲା ଏହି ଢଳେଇ ରାସ୍ତା ଫାଟି ଆଁ କରିବା ସହ ଉଭୟପାର୍ଶ୍ୱ କୋରି ହୋଇଗଲାଣି। ଏଥିଯୋଗୁ ଯାତ୍ରୀଙ୍କ ଯାତାୟାତ ବିପଦପୂର୍ଣ୍ଣ ବୋଲି ଉଭୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ପ୍ରତି ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଆରଡି ବିଭାଗ ଯନ୍ତ୍ରୀ ସନ୍ତୋଷ କୁମାର ଦାଶଙ୍କୁ ଗୁରୁବାର ମୋବାଇଲ ନଂ. ୯୪୩୮୨୮୯୯୨୫ରେ ବାରମ୍ବାର ଯୋଗାଯୋଗ କଲେ ମଧ ସେ ଉଠାଇ ନ ଥିଲେ। ବେଗୁନିଆ କାର୍ଯ୍ୟାଳୟରେ ଭେଟିବାକୁ ଯାଇଥିଲେ ମଧ ସେ ଅନୁପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀ ସଡ଼କର ଢଳେଇ ଫାଟି ଯାଇଥିବାରୁ ଯାତାୟାତରେ ଅସୁବିଧା ହେଉଛି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ
କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍



## ସଂକ୍ଷେପରେ

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ନିମାପଡ଼ା,୧୦।୧୦(ଡି.ଏନ୍.ଏ):** ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ଓ୍ୱେଲଫେୟାର ଅର୍ଗାନାଇଜେଶନ ପକ୍ଷରୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ସ୍ୱତନ୍ତ୍ର ବିଇଡି କଲେଜ ଠାରେ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କର୍ମଶାଳାରେ ଅତିଥିଭାବେ ଖେଲାର ବାଣିଶ୍ରୀ ଉଚ୍ଚମାଧମିକ ବିଦ୍ୟାଳୟର ଅଧକ୍ଷା ଡ. ଜ୍ୟୋସ୍ନାରାଣୀ ବସ୍ତିଆ, ପ୍ରାଚୀ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଡ. ଦିଲୀପ କୁମାର ସେନାପତ, ଅବସରପ୍ରାପ୍ତ ଡା. ନାରାୟଣ ବରାଳ, ଆଇନଜୀବୀ ଦିଲୀପ ପଟ୍ଟନାୟକ, ପଦ୍ମନାଭ ମିଶ୍ର ପ୍ରମୁଖ ଯୋଗଦେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହା ସହ ଆତ୍ମହତ୍ୟାର ପ୍ରତିକାର ଓ ଏଥିରୁ ନିବୃତ ରହିବା ଦିଗରେ ସଚେତନତା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ପିପିଡବ୍ଲ୍ୟୁଓର ସଭାପତି ରାଜକିଶୋର ସାବୁତ ଅଧକ୍ଷତା କରିବା ସହ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି, ପ୍ରଭାତ ବେହେରା, ବାସୁଦେବ ଦାସ, ଶ୍ରୀଧର ଦାସ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

### ନଭେମ୍ବର ୩ରେ ଷୋଳଶାସନ ଅମୃତମଣୋହି ଭୋଗ

**ପୁରୀ ଅଫିସ, ୧୦।୧୦:** ପ୍ରତିବର୍ଷ ପରି ଚଳିତବର୍ଷ ଆସନ୍ତା ନଭେମ୍ବର ୩ ତାରିଖ କାର୍ତ୍ତିକ ଶୁକ୍ଳ ସପ୍ତମୀ ତିଥିରେ ମହାପ୍ରଭୁଙ୍କ ଷୋଳଶାସନ ଅମୃତମଣୋହି ଭୋଗ କରାଯିବ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଆନୁକୂଲ୍ୟରେ ଏହା ଯଥାବିଧି କରାଯାଇ ସେହିଦିନ ରାତି ୭ଟାରେ ଶ୍ରୀମନ୍ଦିର ପରିସର ନିର୍ମାଲ୍ୟ ଖଳାରେ ଜନସାଧାରଣଙ୍କ ମଧରେ ବିତରଣ କରାଯିବ। ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ଗଙ୍ଗାଧର ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

### ପୋଲିସ ଅଧିକାରୀଙ୍କ ଦକ୍ଷତା ବିକାଶ କର୍ମଶାଳା

**ପୁରୀ ଅଫିସ, ୧୦।୧୦:** ପୁରୀ ପୋଲିସ ପକ୍ଷରୁ ରିଜର୍ଭ ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏସ୍‌ପି ଡା. ଉମାଶଙ୍କର ଦାଶ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ୫-ଟି ସୂତ୍ରକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସେ କର୍ମଚାରୀମାନଙ୍କୁ କହିଥିଲେ। ଏଥିରେ ପୁରୀ ଜିଲାର ସମସ୍ତ ଥାନା ଅଧିକାରୀ, ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ରବି ବେହେରା, ଡିଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ଏବଂ ଡ. ଗିରିଶ ପ୍ରସାଦ ସ୍ୱାଇଁ ପ୍ରମୁଖ ପୋଲିସ ଅଧିକାରୀମାନଙ୍କୁ ଯୋଗ, ପ୍ରାଣାୟମ, ଧାନ, ଦକ୍ଷତା ବିକାଶ, ବ୍ୟବହାରିକ ଜ୍ଞାନ, କାର୍ଯ୍ୟ କୁଶଳତା ଆଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

■ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

# କର୍ମଚାରୀ ଅନୁପସ୍ଥିତି ନେଇ ଉତ୍ତେଜନା

**ପୁରୀ ଅଫିସ, ୧୦।୧୦**

ଗତ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟ ସରକାର 'ମୋ ସରକାର' ଯୋଜନା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଚିକିତ୍ସାଳୟଗୁଡ଼ିକୁ ଏଥିରେ ସାମିଲ କରାଯାଇଛି। ରୋଗୀଙ୍କୁ ଉତ୍ତମ ବ୍ୟବହାର କରିବା ସହ ଆବଶ୍ୟକ ସେବା ଯୋଗାଇବା ଏବଂ କର୍ମଚାରୀମାନେ ଧାର୍ଯ୍ୟ ସମୟରେ ଡ୍ୟୁଟିକୁ ଆସିବା ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଗୁରୁବାର ନିଦାନ ବିଭାଗରେ କର୍ମଚାରୀଙ୍କ ଅନୁପସ୍ଥିତି ନେଇ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଓପିଡି ସମୟ ଅର୍ଥାତ୍ ସକାଳ ୮ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ନିଦାନ ବିଭାଗ ଖୋଲା ରହେ। ତେବେ ଗୁରୁବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ଏହି ବିଭାଗରେ କୌଣସି କର୍ମଚାରୀଙ୍କ ଦେଖା ନ ଥିଲା। ରକ୍ତ ଓ ମଳମୂତ୍ର ଆଦି ପରୀକ୍ଷା ଲାଗି ବହୁ ରୋଗୀ ସକାଳୁ ଧାଡ଼ିରେ ଅପେକ୍ଷା କରି ରହିଥିଲେ। ଏମାନଙ୍କ ମଧରେ ଛୋଟ ପିଲା, ମହିଳା ଏବଂ ବରିଷ୍ଠ ନାଗରିକ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କେହି କର୍ମଚାରୀ ନ ଆସିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ସେଠାରେ ହୋ ହଲ୍ଲା କରିଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା କେତେଜଣ ରୋଗୀ ଗଣମାଧମକୁ କହିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ନୀଳକଣ୍ଠ ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, 'ମୋ ନିକଟକୁ କୌଣସି ଅଭିଯୋଗ ଆସିନି। ଆସିଲେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ମାନସିକ ରୋଗୀଙ୍କୁ ନେଇ ପ୍ରତିଯୋଗିତା

**କଣାସ, ୧୦।୧୦(ସ୍ୱ.ପ୍ର.)**

କଣାସ ବ୍ଲକ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ କସ୍ତୁରୀ ଚରଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ସାମାଜିକ କର୍ମୀ ଘନଶ୍ୟାମ ପ୍ରଧାନ, ଶିକ୍ଷାବିତ୍ ସୁକାନ୍ତ କୁମାର ଛୋଟରାୟ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ପରିଡା, ଅନୁଷ୍ଠାନ ସଭ୍ୟ ଜିତେନ୍ଦ୍ର କୁମାର ହରିଚନ୍ଦନ ଅତିଥିଭାବେ ଯୋଗଦେଇଥିଲେ। ୪୦ସେକେଣ୍ଡରେ ଜଣେ ଲେଖାଏଁ ମାନସିକ ରୋଗୀ ଆତ୍ମହତ୍ୟା କରୁଥିବାରୁ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ସହିତ କିପରି ମାନସିକ ରୋଗୀ ସମାଜରେ ଭଲମଣିଷ ହୋଇ ସାମିଲ୍ ହୋଇପାରିବ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରୟାସ ଜାରି ରଖିଥିବା ଅତିଥିମାନେ ସୂଚନା ଦେଇଥିଲେ। ମାନସିକ ରୋଗୀମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲକରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜନା କୁମାରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସିଂହଦ୍ୱାର ସମ୍ମୁଖରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ନୂତନ କର୍ମକର୍ତ୍ତା ଚୟନ

**ପୁରୀ ଅଫିସ, ୧୦।୧୦**

ପୁରୀ ରେଲୱେ ଷ୍ଟେଶନ ଟ୍ରେକର ଓ ଟ୍ୟାକ୍ସି ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ରେଲୱେ ପାର୍କିଂ ପରିସରରେ ଟ୍ରେକର ଓ ଟ୍ୟାକ୍ସି ସଂଘର ଏହି କର୍ମକର୍ତ୍ତା ଚୟନ ହୋଇଥିଲା। ଚଳିତ ବର୍ଷ ଲାଗି ବଳରାମ ସ୍ୱାଇଁ ଉପସଭାପତି, ଅକ୍ଷୟ କୁମାର ସ୍ୱାଇଁ ସମ୍ପାଦକ, ମନୋଜ କୁମାର ପଣ୍ଡା ସହ ସମ୍ପାଦକ, ପ୍ରଶାନ୍ତ କୁମାର ନାୟକ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି।

## ମାନବିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ

**କଣାସ, ୧୦।୧୦(ଡି.ଏନ୍.ଏ.)**

କଣାସ ବ୍ଲକ ସମ୍ମୁଖସ୍ଥ ମହାପୁରୁଷଙ୍କ ସମାଧି ପୀଠରେ ପାଳିତ ହୋଇଛି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୩ତମ ଜୟନ୍ତୀ। କଣାସ ବିକାଶ ପରିଷଦ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଯୁଧିଷ୍ଠିର ସାମନ୍ତରାୟ ସଭାପତିତ୍ୱ କରିଥିବାବେଳେ ବିକାଶ ପରିଷଦର ସଦସ୍ୟମାନେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ମାନବିକ ମୂଲ୍ୟବୋଧର ବିକାଶ ଉପରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା। ମାନବିକ ମୂଲ୍ୟବୋଧର ବିକାଶ ହେଲେ ସମାଜର ଅଧପତନ ହେବନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଣାସକୁ ନିଶାମୁକ୍ତ କରିବା, ପ୍ଲାଷ୍ଟିକ୍ ବର୍ଜନ, ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ମଧ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ବିକାଶ ପରିଷଦର ସମ୍ପାଦକ ସାମାଜିକ କର୍ମୀ ଲିଙ୍ଗରାଜ ପରିଡା, ସଭାପତି ପ୍ରଭାକର ମଙ୍ଗରାଜ, ପୂର୍ଣ୍ଣଚନ୍ଦ୍ର ରାଉତ, କ୍ୟାପ୍‌ଟେନ୍ ପ୍ରସନ୍ନ ପଟ୍ଟନାୟକ, ନାଟ୍ୟଗୌରବ ବିଭୂତି ଭୂଷଣ ପଟ୍ଟନାୟକ, ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, କାର୍ତ୍ତିକ ସାହୁ, ଦୈତାରୀ ବେହେରା, ମନୋଜ ମହାପାତ୍ର, ଅରୁଣ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବିଦ୍ୟାଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମାନସିକ ରୋଗୀ ନେଇପାରିବେ ଆଇନ ସହାୟତା

**ପୁରୀ ଅଫିସ, ୧୦।୧୦**

ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନ ୮ଟାରେ ଦ୍ୱିତୀୟ ଅତିରିକ୍ତ ଜିଲାଜଜ୍ ଶୁଭଦର୍ଶୀ ପଟ୍ଟନାୟକ, ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ଡିସିପିଓ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ମିସ୍‌ନାରୀ ଅଫ୍ ଚାରିଟି, ବ୍ରଦର୍ସ ହୋମ୍ ଖ୍ରୀଷ୍ଟଜ୍ୟୋତି ଆଶ୍ରମରେ ଅନ୍ତେବାସୀଙ୍କୁ ଫଳ ବାଣ୍ଟିଥିଲେ। ପୂର୍ବାହ୍ନ ୯ଟାରେ ସିଂହଦ୍ୱାରଠାରୁ ସଚେତନତା ଶୋଭାଯାତ୍ରା ବାହାରି ସିଭିଲ୍ କୋର୍ଟ ପରିସରରେ ପହଞ୍ଚିଥିଲା। ପ୍ରାଧିକରଣ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଦ୍ୱିତୀୟ ଅତିରିକ୍ତ ଜିଲାଜଜ୍, ସିଡିଏମ୍‌ଓ ନୀଳକଣ୍ଠ ମିଶ୍ର, ଏଡିଏମ୍‌ଓ ଉମା ପ୍ରସାଦ ବିଶ୍ୱାଳ, ବିରଜା ଶଙ୍କର ରଥ ଏବଂ ଅନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଡା. ବିଶ୍ୱାଳ ମାନସିକ ରୋଗର ଲକ୍ଷଣ ଓ ଏହାର ପ୍ରତିକାର ସମ୍ପର୍କରେ କହିଥିଲେ। ପ୍ରାଧିକରଣ ସଚିବ ମହାପାତ୍ର ମାନସିକ ରୋଗୀଙ୍କ ଆଇନଗତ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଥିଲା। ଏହା ଏକ ସପ୍ତାହ ବ୍ୟାପୀ ପୁରୀ ଜିଲା ବୁଲି ମାନସିକ ରୋଗୀଙ୍କୁ ଆଇନ ସହାୟତା ସମ୍ପର୍କରେ ସଚେତନ କରିବ ବୋଲି କୁହାଯାଇଛି।

## ବିଦ୍ୟାଳୟ ବିଦ୍ୱତ୍ ପରିଷଦ ଗଠିତ

**ପୁରୀ ଅଫିସ, ୧୦।୧୦**

ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷାବର୍ଷ ୨୦୧୯-୨୦ ପାଇଁ ବିଦ୍ୱତ ପରିଷଦ ଟିମ୍ ଗଠନ କରାଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ପ୍ରଭାତ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଏହା ଗଠିତ ହୋଇଛି। ଏଥିରେ ପ୍ରଭାତ ଚନ୍ଦ୍ର ରଥ ସଭାପତି, ଡ. ପ୍ରମୋଦ କୁମାର ଦଳାଇ ସମ୍ପାଦକ, କାହ୍ନୁଚରଣ ପ୍ରଧାନ, ବସନ୍ତ କୁମାର ସାହୁ, ଦୀପ୍ତି ମିଶ୍ର ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ଆଚାର୍ଯ୍ୟ ମନମୋହନ ମିଶ୍ର ସଂଯୋଜକ ରହିଛନ୍ତି।



ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି।

■ ଜିଓ ଟ୍ୟାଗ କାର୍ଯ୍ୟରେ ଅନିୟମିତତାର ପ୍ରତିବାଦ

# ବ୍ଲକ ଅଫିସ ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ଧାରଣା

**ନିମାପଡ଼ା,୧୦।୧୦(ଡି.ଏନ୍.ଏ):**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଗୃହ ପ୍ରଦାନ ନିମନ୍ତେ ଜିଓ ଟ୍ୟାଗ କାର୍ଯ୍ୟରେ ଅନିୟମିତତା ହୋଇଛି। ଏହାର ପ୍ରତିବାଦରେ ଗୁରୁବାର ପ୍ରାୟ ୨ଶହ ଲୋକ ବ୍ଲକ କାର୍ଯ୍ୟାଳୟରେ ପଶି ବିଡିଓ ଶ୍ରୀଧର ବିଶ୍ୱାଳଙ୍କୁ ପ୍ରାୟ ୨ଘଣ୍ଟା ଘେରାଉ କରିବା ସହ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଏହା ସହ ଉକ୍ତ ପଞ୍ଚାୟତରେ ଜିଓ ଟ୍ୟାଗ ଦାୟିତ୍ୱରେ ଥିବା ଜିଆରଏସ ତପସ୍ୱିନୀ ଚାନ୍ଦ ତାଙ୍କ ପରିବାରର ଏକାଧିକ ବ୍ୟକ୍ତିଙ୍କ ନାମରେ ଆବାସ ଯୋଜନା ଗୃହ ପାଇବା ପାଇଁ ଜାଲିଆତି କରି ଜିଓ ଟ୍ୟାକ କରିଥିବା ବିଡିଓଙ୍କ ନିକଟରେ ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଡିଓ ବିଶ୍ୱାଳ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂଙ୍କୁ ଅବଗତ କରାଇଥିଲେ। ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କ ଗୁରୁବାର ସନ୍ଧ୍ୟା ସୁଦ୍ଧା ଜିଓ ଟ୍ୟାକ କରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ସିଂ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜିଆରଏସଙ୍କ ସମ୍ପର୍କରେ ବିଡିଓ ବିଶ୍ୱାଳ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଆରଏସ ଚାନ୍ଦ କୁହନ୍ତି, ବାତ୍ୟାରେ ଘର ଭାଙ୍ଗିଥିବାରୁ ଆମ ପରିବାର ଓ ସମ୍ପର୍କୀୟ ୩ଜଣ ବ୍ୟକ୍ତିଙ୍କ ନାମରେ ଜିଓ ଟ୍ୟାଗ ହୋଇଛି। ସେମାନେ ଆମଠାରୁ ଅଲଗା। ସେମାନଙ୍କ ସହିତ ଆମର ସେଭଳି କିଛି ସମ୍ପର୍କ ନାହିଁ। ଏହି ଆନ୍ଦୋଳନରେ ବିଜେଡି ନେତା ଅଶୋକ ସାହୁ, ସୁଧିର ରଞ୍ଜନ ଦାଶ, ବିଜୟ ପଟ୍ଟନାୟକ, ସୁମନ୍ତ ଦାଶ, ମନୋରମା ଭଟ୍ଟ, ବ୍ରଜସୁନ୍ଦର ଦାସ, ବଂଶୀଧର ଜେନା, ସଦାଶିବ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ସୂଚନାଥାଉକି, ଗୋପୀନାଥପୁର ପଞ୍ଚାୟତରେ ଜିଆରଏସ, ପିଇଓଙ୍କ ସମେତ ୩ଜଣିଆ କମିଟି ଘରଭଙ୍ଗାର ତଦନ୍ତ କରିଥିଲେ। ଏହି ଯୋଜନାରେ ପକ୍କା ଘର ପାଇବା ପାଇଁ ୩୪୧ଜଣ ହିତାଧିକାରୀ ଯୋଗ୍ୟ ବିବେଚିତ ହେବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲିକା ପ୍ରକାଶ ପାଇଥିଲା। ଏହି ୩୪୧ ହିତାଧିକାରୀଙ୍କ ମଧ୍ୟରୁ ୧୭୦ ଜଣଙ୍କ ଜିଓ ଟ୍ୟାଗ କରାଯାଇଥିବାରୁ ପଞ୍ଚାୟତବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଜିଓ ଟ୍ୟାଗ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ବୁଧବାର ୧୮ନଂ. ଜିଲା ପରିଷଦ ସଭ୍ୟ ସୁମନ୍ତ ଦାଶ ବିଡିଓଙ୍କୁ ବୁଧବାର ଲିଖିତଭାବେ ଜଣାଇଥିଲେ।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଲୋକେ ଧାରଣାରେ ବସିଛନ୍ତି।

## ୧୫ରୁ ଦିବ୍ୟାଙ୍ଗ ଚିହ୍ନଟ ଓ ସହାୟତା ମେଗା କ୍ୟାମ୍ପ

**ପୁରୀ ଅଫିସ,୧୦।୧୦**

ବାତ୍ୟା ଫନୀ ପରେ ପୁରୀ ଜିଲାର ଦିବ୍ୟାଙ୍ଗମାନଙ୍କୁ ସବୁ କ୍ଷେତ୍ରରେ ସାମର୍ଥ୍ୟ ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ପ୍ରଫୁଲ୍ଲ ଯୋଜନା। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହାୟତାରେ ଜିଲାର ପ୍ରତି ବ୍ଲକରେ ଆୟୋଜନ କରାଯାଉଛି ଭୀମଭୋଇ ସାମର୍ଥ୍ୟ ଶିବିର। ଏହି କ୍ରମରେ ଗତ ମାସରେ ୩ଟି କ୍ୟାମ୍ପରେ ୧୭୧୨ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ ଓ ସହାୟତା ପ୍ରଦାନ କରାଯାଇଛି। ପ୍ରଫୁଲ୍ଲ ଯୋଜନାକୁ ଆହୁରି ଜୋର୍‌ଦାର କରିବା ଲାଗି ଚଳିତ ମାସରେ ୯ଟି ମେଗା କ୍ୟାମ୍ପ ଆୟୋଜନ ନିମନ୍ତେ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଆସନ୍ତା ୧୫ ତାରିଖରେ ସତ୍ୟବାଦୀ ବ୍ଲକର ବୀରଗୋବିନ୍ଦପୁର ହାଇସ୍କୁଲରୁ ଏହି କ୍ୟାମ୍ପ ଆରମ୍ଭ ହେବ। ଏହାପରେ ୧୬ରେ କୃଷ୍ଣପ୍ରସାଦ ବ୍ଲକର ନାରାୟଣୀ ବିଦ୍ୟାପୀଠ ଓ ୧୭ରେ ବାସୁଦେବ ହାଇସ୍କୁଲ, ୧୮ରେ କାକଟପୁର ୟୁଜିଏମ୍‌ଇ ସ୍କୁଲ, ୧୯ରେ ଗୋପର ନିଗମାନନ୍ଦ ହାଇସ୍କୁଲ, ୨୨ରେ ବ୍ରହ୍ମଗିରି ହାଇସ୍କୁଲ, ୨୪ରେ ଡେଲାଙ୍ଗର ଆଭା ଅନୁଷ୍ଠାନ, ୨୬ରେ ନିମାପଡ଼ା ହାଇସ୍କୁଲ ଓ ୨୯ ତାରିଖରେ ପୁରୀ ଜିଲା ସ୍କୁଲରେ ଏହି କ୍ୟାମ୍ପ ଆୟୋଜନ କରାଯିବ। ଏଥିରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ବର୍ଗରେ ଚିହ୍ନଟ କରିବା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରୀ ଟିମ୍ ଉପସ୍ଥିତ ରହିବେ। ଶିକ୍ଷିତ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ବୈଷୟିକ ଶିକ୍ଷା ଓ ତାଲିମ ପାଇଁ ସହାୟତା ଓ ବସ୍ ପାସ୍ ମଧ ପ୍ରଦାନ କରାଯିବ। ତେଣୁ ଏହାର ସୁବିଧା ପ୍ରଫୁଲ୍ଲ ଯୋଜନା ମାଧମରେ ପ୍ରତ୍ୟେକ ଦିବ୍ୟାଙ୍ଗ ନେବା ଲାଗି ଜିଲାପାଳ ବଲୱନ୍ତ ସିଂ ପରାମର୍ଶ ଦେଇଛନ୍ତି।





କୁଞ୍ଜେଶ୍ୱରୀ ମହୋତ୍ସବର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

■ କୁଞ୍ଜେଶ୍ୱରୀ ମହୋତ୍ସବର ତୃତୀୟ ସନ୍ଧ୍ୟା

## କୁନି ପିଲାଙ୍କ ନୃତ୍ୟନାଟିକାରେ ଦର୍ଶକ ବିଭୋର

**କଣାସ, ୧୦।୧୦(ଡି.ଏନ୍.ଏ./ସ୍ୱ.ପ୍ର.)**

କଣାସ ଦଶହରା ପଡିଆରେ ଚାଲିଥିବା ଚତୁର୍ଦ୍ଦଶ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ତୃତୀୟ ସନ୍ଧ୍ୟାରେ କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟନାଟିକା ଦର୍ଶକମାନଙ୍କୁ ବିଭୋର କରିଥିଲା। କଣାସ ପଞ୍ଚାୟତ ସମିତି ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମହୋତ୍ସବର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଶତାଧିକ ବ୍ୟକ୍ତିଙ୍କୁ ଯୋଗ ଶିକ୍ଷା ଦିଆଯାଇଥିଲା। ଦିନ ତମାମ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜୁନିୟର ଓ ସିନିୟର ଦୁଇଟି ବିଭାଗ କରାଯାଇ ବକ୍ତୃତା, ସଙ୍ଗୀତ, ଭଜନ, ଏକକ ଅଭିନୟ ପ୍ରତିଯୋଗିତା କରାଯିବା ପରେ ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭିନ୍ନ ଭିନ୍ନ ନୃତ୍ୟନାଟିକା ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ମହାରାଜଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ କରାଯାଇ ୩ଦିନ ଧରି ଚାଲିଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମହୋତ୍ସବ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

■ ୫୫ ବର୍ଷ ଧରି ଭଡ଼ାଘରେ ଚାଲିଛି ବଡଶଙ୍ଖ ବାଳିକା ଉଚ୍ଚ ବିଦ୍ୟାଳୟ

# ଜମି ମିଳିଛି, ଇଟା ଖଣ୍ଡେ ପଡ଼ିନି

**ପୁରୀ ଅଫିସ,୧୦।୧୦**

### ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଦୀପ ତଳ ଅନ୍ଧାର ଭଳି ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲା ପୁରୀରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେଉଁଠି ଭିତ୍ତିଭୂମି ଅଭାବ ଥିବାବେଳେ ଆଉ କେଉଁଠାରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଏପରି କି, ଗୋଟିଏ ବାଳିକା ଉଚ୍ଚ ବିଦ୍ୟାଳୟ ଦୀର୍ଘ ୫୫ବର୍ଷ ଧରି ଭଡ଼ାଘରେ ଚାଲିଥିଲେ ମଧ ଏଥିପ୍ରତି ପ୍ରଶାସନ କିମ୍ବା ଶିକ୍ଷା ବିଭାଗର ଦୃଷ୍ଟି ପଡୁନାହିଁ।

ବାହ୍ମଣ ବୋର୍ଡିଂ ଛକ ନିକଟସ୍ଥ ବଡଶଙ୍ଖ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୬୪ ମସିହାରେ ସ୍ଥାପନ ହୋଇଥିଲା। ଏହାର ନିଜସ୍ୱ ଗୃହ ନ ଥିବାରୁ ଆଜିପର୍ଯ୍ୟନ୍ତ ଭଡ଼ାଘରେ ଚାଲିଛି। ଭଡ଼ା ବାବଦ ମାସକୁ ସରକାରଙ୍କ ପକ୍ଷରୁ ୧୨ହଜାର ଟଙ୍କା ଦିଆଯାଉଛି। ତେବେ ଭିତ୍ତିଭୂମି ଅଭାବରୁ ପାଠପଢା ବ୍ୟାହତ ହେବା ସହ ସରକାରୀ ଅନୁଦାନ ଫେରିଯାଉଛି। ଫନୀ ବାତ୍ୟାରେ ଶ୍ରେଣୀଗୃହର ଆଜବେଷ୍ଟସ ଛାତ ଉଡ଼ିଯାଇଥିଲା। ଏପର୍ଯ୍ୟନ୍ତ ତାହା ମରାମତି ହୋଇନାହିଁ। ବର୍ଷା ହେଲେ ଛାତରୁ ପାଣି ଗଳୁଛି। ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ଖାଲି ପଡ଼ିଛି। ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱରେ ଜଣେ ବରିଷ୍ଠ ଶିକ୍ଷୟିତ୍ରୀ ରହିଛନ୍ତି। ୧୧ ଶିକ୍ଷୟିତ୍ରୀଙ୍କ ସ୍ଥାନରେ ୫ଜଣ ଅଛନ୍ତି। ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ୫ଟି ଶ୍ରେଣୀଗୃହ ଆବଶ୍ୟକ ଥିବାବେଳେ ୩ଟି ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ୨ଟି ଶ୍ରେଣୀଗୃହରେ ୫ଟି ବିଭାଗର ୫୮ ଛାତ୍ରୀ ପଢୁଛନ୍ତି। ଫଳରେ ସମସ୍ୟା ସୃଷ୍ଟି ହେଉଛି। ଅନାବନା ଗଛଲତାରେ ବିଦ୍ୟାଳୟ ପରିସର ପରିପୂର୍ଣ୍ଣ। ଖେଳପଡ଼ିଆ ନ ଥିବାରୁ ଛାତ୍ରୀମାନେ ଖେଳରୁ ବଞ୍ଚିତ ହେଉଛନ୍ତି। ଭିତ୍ତିଭୂମି ଅଭାବରୁ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା କମିବାରେ ଲାଗିଛି। ଅନ୍ୟପଟେ ୨୦୧୭ ମସିହାରୁ ମଙ୍ଗଳାଘାଟ ନିକଟରେ ପ୍ରଶାସନ ପକ୍ଷରୁ ସରକାରୀ ଜମି ଯୋଗାଇ ଦିଆଯାଇଛି। ଇତିମଧରେ ଦୁଇବର୍ଷ ବିତିଲାଣି, ହେଲେ ଇଞ୍ଚେ ମଧ ନିର୍ମାଣ ହୋଇନାହିଁ। ପ୍ରତିବର୍ଷ ପ୍ରଶାସନକୁ ଅନୁରୋଧ କରାଗଲେ ବି ଫଳଶୂନ। ପ୍ରଶାସନିକ ଅବହେଳାରୁ ଏଠାରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି ଯୁବ ସଙ୍ଗଠକ ସ୍ୱାଧୀନ ପଣ୍ଡା କହିଛନ୍ତି। ବିଦ୍ୟାଳୟ ଚାରିପଟେ ପାଚେରି ନ ଥିବାରୁ ସନ୍ଧ୍ୟା ହେଲେ ଅସାମାଜିକଙ୍କ ଆଡ୍ଡା ଜମୁଛି ବୋଲି ସାମାଜିକ କର୍ମୀ ସନ୍ତୋଷ ଶେଖର ମହାନ୍ତି କହିଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷଙ୍କୁ ପଚାରିବାରେ କହିଛନ୍ତି, ମୁଁ ଗତ କିଛିଦିନ ହେଲା ପୁରୀରେ ଯୋଗଦାନ କରିଛି। କାହିଁକି ଏହି ସ୍କୁଲ ଏତେ ଦିନ ଧରି ଭଡ଼ାରେ ଚାଲିଛି ତା'ର ଅନୁଧ୍ୟାନ କରାଯିବ। ଖୁବ୍‌ଶୀଘ୍ର ସ୍କୁଲ ପରିଦର୍ଶନ କରି ପଦକ୍ଷେପ ନେବି। ଏ ସମ୍ପର୍କରେ ଗଣଶିକ୍ଷା ବିଭାଗ ସହ ମଧ ଆଲୋଚନା କରିବି ବୋଲି ଘୋଷ ପ୍ରକାଶ କରିଛନ୍ତି।